# କଲେଜ ବାର୍ଷିକ ଉତ୍ସବକୁ ନେଇ ଛାତ୍ର ଗୋଷ୍ଠୀ ଛକାପଞ୍ଝା

**ନାଉଗାଁ,୧୭।୨(ସ୍ୱ.ପ୍ର.)**

■ ଉତ୍ସବ ବନ୍ଦ ଦାବିରେ ଗୋଟିଏ ଗୋଷ୍ଠୀର ଧାରଣା
■ ଆଲୋଚନା ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନାଉଗାଁ ବ୍ଲକ ଅଧୀନ ଶ୍ରୀଜଗନ୍ନାଥ କଲେଜ ବାର୍ଷିକ ଉତ୍ସବକୁ ନେଇ ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଗୋଟିଏ ଛାତ୍ର ଗୋଷ୍ଠୀ ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତ ଚଳାଇଥିବା ବେଳେ ଅନ୍ୟ ଗୋଷ୍ଠୀ ଉତ୍ସବ ବନ୍ଦ କରିବାକୁ ଦାବିକରି ଅଧ୍ୟକ୍ଷଙ୍କ ଫାଟକ ସମ୍ମୁଖରେ ସୋମବାର ଧାରଣାରେ ବସିଥିଲେ। ଦୀର୍ଘ ସମୟ ଧରାଣାରେ ବସିବାପରେ ଅପରାହ୍ନରେ ଘଟଣାସ୍ଥଳକୁ ନାଉଗାଁ ଥାନାଧିକାରୀ ଗୋବର୍ଦ୍ଧନ ସାହୁ ପହଞ୍ଚି ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଛାତ୍ରମାନେ ଧାରଣାରୁ ଓହରି ଯାଇଥିଲେ। ଉତ୍ସବ ନ କରିବାପାଇଁ ଛାତ୍ର ବିକାଶ ନାୟକ, ସ୍ମୃତିରଞ୍ଜନ ଜେନା, ବୁଲୁ ସ୍ୱାଇଁ, ଅମନଦୀପ ରାଉତ, ହିରଣ୍ୟ ଜେନା ପ୍ରମୁଖ ଲିଖିତ ଭାବେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସରକାରଙ୍କ ନିୟମାନୁସାରେ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ ଜାନୁୟାରୀ ପ୍ରଥମ କିମ୍ବା ୨ୟ ସପ୍ତାହରେ ହେବା କଥା। କିନ୍ତୁ ଏହି ସମୟରେ କରା ନ ଯାଇ ଅଧ୍ୟକ୍ଷ ଅସଦ ଉପାୟରେ ବର୍ତ୍ତମାନ ଉତ୍ସବ କରିବାପାଇଁ ଯୋଜନା କରୁଛନ୍ତି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅଳ୍ପ ଦିନ ଥିବା ବେଳେ କିପରି ଉତ୍ସବ ଆୟୋଜନ କରାଯାଉଛି। ତେଣୁ ଉତ୍ସବକୁ ବନ୍ଦ କରିବା ପାଇଁ ଅଭିଯୋଗରେ ଦର୍ଶାଯାଇଛି। ଅଧ୍ୟକ୍ଷ କଲେଜ କାର୍ଯ୍ୟରେ ବାହାରକୁ ଯାଇଥିବାରୁ ଛାତ୍ରମାନେ ଫାଟକ ନିକଟରେ ବସି ରହିଥିଲେ। ଏ ସମ୍ପର୍କରେ ଥାନାଧିକାରୀ ସାହୁଙ୍କୁ ପଚାରିବାରେ ସେ କହିଥିଲେ, ଆସନ୍ତା ୧୯ ତାରିଖରେ ଛାତ୍ରୀଛାତ୍ର ଓ ଅଧ୍ୟକ୍ଷ ବସି ଉତ୍ସବ ବିଷୟରେ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେବା ପରେ ପିଲାମାନେ ଧାରଣାରୁ ଓହରି ଯାଇଛନ୍ତି।


କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ଆଗରେ ଛାତ୍ରମାନେ ଧାରଣା ଦେଇଛନ୍ତି।

ସୂଚନାଯୋଗ୍ୟ, ଉତ୍ସବ ଆୟୋଜନ ନିମନ୍ତେ ଅନୁମତି ପାଇଁ ଯୁକ୍ତ ୩ ଓ ଯୁକ୍ତ ୨ର ଛାତ୍ରୀଛାତ୍ର କାଜଲ ସ୍ୱାଇଁ, ଦୀପିକା ଲେଙ୍କା, ସ୍ୱର୍ଣ୍ଣପ୍ରଭା ପରିଡା, କାବେରୀ ସ୍ୱାଇଁ, ରଚନା ପ୍ରଧାନ, ମାନସୀ ମଲିକ, ସରୋଜ ଦାସ, ସୁଧୀର ଦାସ ଅଧ୍ୟକ୍ଷଙ୍କୁ ଗତ ଶନିବାର ଲିଖିତ ଭାବେ ଜଣାଇଥିଲେ। ସେହିପରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ କିଛି ଛାତ୍ରୀଛାତ୍ର ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ଗତ ଶୁକ୍ରବାର ଲିଖିତଭାବେ ଜଣାଇଥିଲେ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଡ. ଚାଇନା ପ୍ରଧାନଙ୍କୁ ପଚାରିବାରେ କଲେଜ ଗଭର୍ନିଂ ବଡିର ପ୍ରେସିଡେଣ୍ଟ ଉପଜିଲାପାଳ ରହିଛନ୍ତି। ତେଣୁ ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇ ଯାହା ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ସଂକ୍ଷେପରେ

### ସାନଭାଇ ଆକ୍ରମଣରେ ବଡ଼ ଗୁରୁତର



**ବାଲିକୁଦା,୧୭।୨(ସ୍ୱ.ପ୍ର.):** ଜମିବାଡ଼ି ବିବାଦକୁ କେନ୍ଦ୍ରକରି ମାଛଗାଁ ପଞ୍ଚାୟତର ଉଲ୍ଲାସ ଲେଙ୍କା(୫୪) ଓ ତାଙ୍କ ସାନଭାଇ ପ୍ରକାଶ ଲେଙ୍କା(୪୬)ଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ରବିବାର ପୈତୃକ ସମ୍ପତ୍ତି ଭାଗ କରିବା ସମୟରେ ଏହି ଘଟଣା ଘଟିଥିଲା। ଏଥିରେ ସାନ ଭାଇ ପ୍ରକାଶ ଏକ ଧାରୁଆ ଅସ୍ତ୍ରରେ ବଡ ଭାଇ ଉଲ୍ଲାସଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଲ୍ଲାସଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଉଲ୍ଲାସ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ସାନ ଭାଇ ପ୍ରକାଶ ଓ ତାଙ୍କ ସ୍ତ୍ରୀ ମିଶି ଏହି ଆକ୍ରମଣ କରିଛନ୍ତି। ପୋଲିସ ୨୮/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅଠରବାଙ୍କି ଦୋଛକି, ଟର୍ମିନାଲ ଛକରେ ଭାରୀଯାନ ପାର୍କିଂ କଟକଣା

**ପାରାଦୀପ,୧୭।୨(ସ୍ୱ.ପ୍ର.):** ପାରାଦୀପର ସବୁଠାରୁ ଦୁର୍ଘଟଣା ପ୍ରବଣସ୍ଥାନ ଅଠରବାଙ୍କି ଦୋଛକି ଏବଂ ଟର୍ମିନାଲ ଛକରୁ ଆଦାନୀ ୱିଲମାର କମ୍ପାନୀ ପର୍ଯ୍ୟନ୍ତ ରାସ୍ତାରେ ଜିଲା ପ୍ରଶାସନ ପାର୍କିଂ କଟକଣା ଲଗାଇଛି। ଏହା ଫେବୃୟାରୀ ୧୧ରୁ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସୋମବାର ସୂଚନା ମିଳିଛି। ଉପରୋକ୍ତ ରାସ୍ତାରେ ଭାରିଯାନ ଚଳାଚଳ କରିପାରିବ। କିନ୍ତୁ ପାର୍କିଂ କରିପାରିବ ନାହିଁ ବୋଲି ଦର୍ଶାଯାଇଛି। ମୋଟରଯାନ ଆଇନ ୧୯୮୮ ଧାରା ୧୧୫ ଅନୁସାରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହି କଟକଣା ଲଗାଇଛନ୍ତି। ସୂଚନାଥାଉକି ଉକ୍ତ ରାସ୍ତାରେ ଗତ ୨୦ଦିନ ମଧ୍ୟରେ ଏକାଧିକ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଛି। ଭାରୀଯାନ ରହିବା ଦ୍ୱାରା ରାସ୍ତା ସଙ୍କୁଚିତ ହେଉଛି। ରାସ୍ତାରେ ପଡ଼ିଥିବା ଧୂଳି ମଧ ଠିକ୍ ଭାବେ ସଫା ହେଉନାହିଁ। ଯଦ୍ୱାରା ସେହି ରାସ୍ତାରେ ପଥଚାରୀ ଯାତାୟାତ କରିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହିପରି ନିୟମ ପୂର୍ବତନ ଜିଲାପାଳ ମଧ କରିଥିଲେ। କିନ୍ତୁ ପଣ୍ୟ କାରବାର କରୁଥିବା ଭାରୀଯାନଗୁଡ଼ିକ ଉକ୍ତ ନିୟମକୁ ବେଖାତିର କରିଥିବା ଦୃଷ୍ଟାନ୍ତ ରହିଛି। ଏବେର କଟକଣା କିପରି ପାଳନ ହେଉଛି ଦେଖିବାକୁ ବାକି ରହିଲା।

### ଶିଶୁମନ୍ଦିରରୁ ଚୋରି

**ବାଲିଆ,୧୭।୨:** ବିରିଡି ଥାନା ବଡିମୀରା ଶିଶୁ ବିଦ୍ୟାମନ୍ଦିର ପରିସରରୁ ଚୋରି ହୋଇଛି। ଦୁର୍ବୃତ୍ତ ବିଦ୍ୟାମନ୍ଦିର ଶୌଚାଳୟ ଝରକା କାଚ ଭାଙ୍ଗିବା ସହ ପାଣିଟ୍ୟାପ ଚୋରି କରି ନେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟା ସୋମବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କାହିଁକି ଓ କିଏ ଏହି ଘଟଣା ଘଟାଇଛି ତାହା ଜଣା ପଡୁନାହିଁ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

**ଜନ୍ମଦିନ ଶୁଭେଚ୍ଛା**



**ଅନୁପ୍ରିୟା ମିଶ୍ର (ଗୁଡ୍ଡୁ)**
(ରାଉରକେଲା)
ତୋର ପ୍ରଥମ ଜନ୍ମ ବାର୍ଷିକରେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା'ତାରିଣୀଙ୍କ କୃପାରୁ ତୋର ସର୍ବ ମଙ୍ଗଳ ହେଉ।
–:ଶୁଭେଚ୍ଛା ସହ:–
ବାବା, ମାମା, ଅଜା, ଆଇ, ଜେଜେବାପା, ଜେଜେ ମା', ମାମୁ, ମାଇଁ, ପିଉସୀ ଓ ବନ୍ଧୁ ପରିବାରବର୍ଗ।
ଧ-୧୬୭୬୫

## ୮ ପରୀକ୍ଷା କେନ୍ଦ୍ରରେ ୧୭୪୮ ପରୀକ୍ଷାର୍ଥୀ

**ବିରିଡି,୧୭।୨(ଡି.ଏନ.ଏ):** ଚଳିତ ମାଟ୍ରିକ ପରୀକ୍ଷା ପାଇଁ ବିରିଡ଼ି ବ୍ଲକ ଅଞ୍ଚଳରେ ୮ ପରୀକ୍ଷା କେନ୍ଦ୍ର କରାଯାଇଛି। ଏଥିରେ ରେଗୁଲାର ୧୫୪୪, ଏକ୍ସରେଗୁଲାର ୨୦୪ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରେ ପଞ୍ଚାୟତିରାଜ ହାଇସ୍କୁଲ, ଚାନ୍ଦପୁର କେନ୍ଦ୍ରରେ ରେଗୁଲାର ୨୩୫, ଏକ୍ସରେଗୁଲାର ନାହାନ୍ତି। କିନ୍ତୁ ଏ କେନ୍ଦ୍ରକୁ ନୋଡାଲ ସେଣ୍ଟର କରାଯାଇ ସିସିଟିଭି ଲଗାଯାଇଛି। ଅଳକା ହାଇସ୍କୁଲ କେନ୍ଦ୍ରରେ ରେଗୁଲାର ୨୩୯ ଓ ଏକ୍ସରେଗୁଲାର ୧୫, ଜୟନ୍ତୀ ଗ୍ରାମ ହାଇସ୍କୁଲ କେନ୍ଦ୍ରରେ ରେଗୁଲାର ୨୦୨ ଓ ଏକ୍ସରେଗୁଲାର ୨୫, ଯଶୋବନ୍ତ ବିଦ୍ୟାପୀଠ ନାଇଲୋଟି ରାଜ୍ୟମୁକ୍ତ ମାଧ୍ୟମିକ ବୋର୍ଡ ପରୀକ୍ଷା କେନ୍ଦ୍ର ହୋଇଛି। ଏଠାରେ ରେଗୁଲାର ୧୦୨ ଓ ଏକ୍ସରେଗୁଲାର ୩୫, ତେଲଦିଆ ହାଇସ୍କୁଲ କେନ୍ଦ୍ରରେ ରେଗୁଲାର ୧୮୩ ଓ ଏକ୍ସରେଗୁଲାର ୩୮, ଚିନ୍ତାମଣି ବିଦ୍ୟାପୀଠ କିଶନନଗର କେନ୍ଦ୍ରରେ ରେଗୁଲାର ୧୭୯ ଓ ଏକ୍ସରେଗୁଲାର ୩୦ ଏବଂ ଏସଏନ ବିଦ୍ୟାପୀଠ ତୋଟାପଡା କେନ୍ଦ୍ରରେ ରେଗୁଲାର ୧୭୦, ଏକ୍ସରେଗୁଲାର ୪୯ ଜଣ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ପ୍ରଶ୍ନପତ୍ର ପଞ୍ଚାୟତିରାଜ ହାଇସ୍କୁଲ ନୋଡାଲ ସେଣ୍ଟରରେ ରଖାଯାଇ ଆର୍ମ ପୋଲିସଙ୍କୁ ଜଗିବାକୁ ଦିଆଯାଇଛି। ବିରିଡ଼ି ଥାନା ପୋଲିସ ପାଟ୍ରୋଲିଂ କରୁଛି। ପରୀକ୍ଷା ବୁଧବାର ଆରମ୍ଭ ହେବ। ଡିଇଓଙ୍କ ୨ ସ୍କ୍ୱାଡ୍, ସେଣ୍ଟ୍ରାଲ ସ୍କ୍ୱାଡ୍ ୧ ସରକାରୀ ହାଇସ୍କୁଲ ସ୍କ୍ୱାଡ୍ ୧, ବିଡିଓ ଏବଂ ତହସିଲଦାର ସମସ୍ତ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବେ। ଯେପରି ପରୀକ୍ଷା କେନ୍ଦ୍ରଗୁଡିକରେ କପି ନ ହୁଏ ସେଥିପାଇଁ ନଜର ରଖାଯାଇଛି।

# ଆଇନ ସଚେତନତା ଶିବିର

**ଜଗତ୍‌ସିଂହପୁର ଅଫିସ୍,୧୭।୨**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାଗଲପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀ ନରେଶ ଦାସ, ତ୍ରିଲୋଚନ ସାହୁ, ସରପଞ୍ଚ ନିବେଦିତା ମାଣିଆ, ସମିତିସଭ୍ୟା ବିଭାସିନୀ ପଟ୍ଟନାୟକ, ପାରାଲିଗାଲ ସ୍ୱେଚ୍ଛାସେବୀ ମୁରଲିପାଣି ମିଶ୍ର, ମନୋଜ ସ୍ୱାଇଁ, ଶୁଭଲକ୍ଷ୍ମୀ ଦାସ, ବିରିଡ଼ି ଥାନା ଅଧିକାରୀ, କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ରାଉତ ମୌଳିକ କର୍ତ୍ତବ୍ୟର ଉତ୍ପତ୍ତି, ଭାରତର ସମ୍ବିଧାନ, ୪୨ତମ ସମ୍ବିଧାନ ସଂଶୋଧନ, ଜାତୀୟ ପତାକାର ସମ୍ମାନ ଆଦି ବିଷୟରେ ଆଲୋକପାତ କରିଥିଲେ। ଏହାସହିତ ଲୋକଙ୍କ ଦୈନନ୍ଦିନ କର୍ମ ଜୀବନ ଓ ଏହା ଉପରେ ଆସୁଥିବା ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଏସବୁ ଉପରେ ଆଇନସେବା ପ୍ରାଧିକରଣର ଦାୟିତ୍ୱ, ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଆଇନ, କିଶୋର ନ୍ୟାୟ ଆଇନ ନିୟମ, ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ନିୟମ, କନ୍ୟା ସନ୍ତାନର ମହତ୍ତ୍ୱ, ପ୍ରାକ୍ ଗର୍ଭଧାରଣ ଓ ପ୍ରାକ୍ ପ୍ରସୂତି ନିଦାନ ଅଧିନିୟମ ଏବଂ ପାରିବାରିକ ହିଂସା ନିରୋଧ ଆଇନ ଉପରେ ରାଉତ ବର୍ଣ୍ଣନା କରିଥିଲେ।



ଅତିଥି ଆଇନ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖୁଛନ୍ତି।

# ବିଶିଷ୍ଟ ଚିକିତ୍ସକ ଅମରେଶ୍ୱର ନାୟକଙ୍କ ପରଲୋକ

**ଭୁବନେଶ୍ୱର/ନାଉଗାଁ, ୧୭।୨(ବ୍ୟୁରୋ/ସ୍ୱ.ପ୍ର)**

ରାଜ୍ୟର ଜଣେ ବିଶିଷ୍ଟ ହୋମିଓପ୍ୟାଥିକ ଚିକିତ୍ସକ ଭାବେ ପରିଚିତ ଡା. ଅମରେଶ୍ୱର ନାୟକଙ୍କ ରବିବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପତ୍ନୀ, ପୁତ୍ର, ପୁତ୍ର ବଧୂ,୨ ଝିଅ, ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶୋକର ଛାୟା ଖେଳିଯାଇଥିଲା। ମରଶରୀରକୁ ଜଗତ୍‌ସିଂହପୁର ଜିଲା ନାଉଗାଁସ୍ଥିତ ବାସଭବନକୁ ନିଆଯାଇଥିଲା। ସୋମବାର ନିଜ ଗ୍ରାମଠାରୁ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ନାଉଗାଁ ବଜାର,ବ୍ଲକ ଛକ ପରିକ୍ରମା କରାଯାଇଥିଲା। ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ, ବରିଷ୍ଠ ନେତା ଅଶୋକ ମହାନ୍ତି, ଜନ୍ମେଜୟ ନାୟକ, କେଦାର ନାୟକ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ଯୁବନେତା ବିସ୍ମୟାନନ୍ଦ ସ୍ୱାଇଁ ପ୍ରମୁଖ ବହୁ ବ୍ୟକ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ଡା. ମହାବାହୁ ନାୟକ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଅମରେଶ୍ୱରଙ୍କ ସାନ ଝିଅ ମହାଶ୍ୱେତା ଧରିତ୍ରୀର ସହ ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଡା. ଅମରେଶ୍ୱର ୧୯୭୫ରେ ହୋମିଓପ୍ୟାଥିକ ଚିକିତ୍ସକ ଭାବେ ଯୋଗଦାନକରି ୨୦୧୦ ମସିହାରେ ସରକାରୀ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ସେ ନିଜ ଘରେ ରୋଗୀ ଚିକିତ୍ସା କରୁଥିଲେ। ଜଣେ ସଫଳ ପାରାଲିସିସ ଚିକିତ୍ସକ ଭାବେ ସମଗ୍ର ରାଜ୍ୟରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ନାଉଗାଁ ବଜାର କମିଟିର ଉପଦେଷ୍ଟା ଅଜୟ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ମହନ୍ତ ଚିନ୍ତାମଣୀ ପର୍ବତ, ନାଉଗାଁ ସରପଞ୍ଚ ବ୍ରଜକିଶୋର ପରିଜା, ପ୍ରଭାସିନୀ ବେହେରା, ସୁକାନ୍ତ ଲେଙ୍କା, ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରୀତମ ପରିଜା, ଜିଲା ଓଷ୍ଟା ସଂଘ ସଭାପତି ନିରଞ୍ଜନ ମହାନ୍ତି ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।


ଡା. ଅମରେଶ୍ୱର ନାୟକ



ମହିଳାଙ୍କୁ ବେତ ତିଆରି ସାମଗ୍ରୀ ନିର୍ମାଣ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

# ବେତ ତିଆରି ସାମଗ୍ରୀ ସମ୍ପର୍କରେ ପ୍ରଶିକ୍ଷଣ

**ରଘୁନାଥପୁର,୧୭।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ନୂଆଦା ଗୋଷ୍ଠୀକେନ୍ଦ୍ରରେ ଇଫକୋ ଓ ଇଣ୍ଡିଆନ ଫାର୍ମ ଫରେଷ୍ଟ୍ରି ଡେଭଲପମେଣ୍ଟ କୋଅପରେଟିଭ(ଆଇଏଫଏଫଡିସି) ଲିମିଟେଡ ପକ୍ଷରୁ ମହିଳାଙ୍କୁ ବେତରେ ନିର୍ମିତ ସାମଗ୍ରୀ ସମ୍ପର୍କରେ ପ୍ରଶିକ୍ଷଣ ଆରମ୍ଭ ହୋଇଛି। କ୍ଷେତ୍ରାଧିକାରୀ ଅଜୟ ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏକମାସ ବ୍ୟାପୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସରପଞ୍ଚ ପୁଷ୍ପଲତା ଦାସ ଉଦ୍‌ଘାଟନ କରିଥିଲେ। ଟ୍ରେନର ଭାବେ ବାବୁଲା ମଲ୍ଲିକ ତାଲିମ ଦାୟିତ୍ୱରେ ରହିଛନ୍ତି। ସମ୍ପୃକ୍ତ ସଂସ୍ଥା ପକ୍ଷରୁ ବ୍ୟବହୃତ କଟର, ପାୱାର ବ୍ଲେଡ, ଛୁରି, ହାତୁଡ଼ି, ବ୍ଲୁଲ୍ୟାମ୍ପ ଓ ୧୫ପ୍ରକାର ବେତ ମହିଳାଙ୍କୁ ଯୋଗାଇଦିଆଯାଇଛି। ଇଫକୋର ଏକ ପ୍ରାରମ୍ଭିକ ସାମର୍ଥ୍ୟ ଭାବେ ହସ୍ତଶିଳ୍ପ ଦ୍ୱାରା ମହିଳାଙ୍କୁ ତାଲିମ ଦେଇ ରୋଜଗାରକ୍ଷମ କରିବା ଏହାର ଉଦ୍ଦେଶ୍ୟ ବୋଲି କ୍ଷେତ୍ରାଧିକାରୀ ବଳବନ୍ତରାୟ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମହିଳାଙ୍କୁ ବେତର ପ୍ରକାର ଭେଦ, ବିଭିନ୍ନ ଯନ୍ତ୍ରାଂଶ ନାମ ଓ ଫୁଲତୋଡା, ଚାଙ୍ଗୁଡ଼ି, ଷ୍ଟୁଲ ଓ ଖେଳନା ତିଆରି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

# କାଠଗଣ୍ଡି ତଳେ ଚାପିହୋଇ ବୃଦ୍ଧା ମୃତ

**ନାଉଗାଁ,୧୭।୨(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତ ଭଟଣା ଗ୍ରାମର ବୃଦ୍ଧା ସୁବାଣି ବେଓ୍ୱା କାଠଗଣ୍ଡି ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି। ସୁବାଣି ବାଡିରେ ପଡିଥିବା କାଠଗଡ ନିକଟରୁ କାଠ ଗୋଟାଉଥିବାବେଳେ ଏକ କାଠ ଗଣ୍ଡି ଗଡି ଆସିଥିଲା। ଫଳରେ ସେ ଗଣ୍ଡି ତଳେ ଚାପିହୋଇ ରହି ଯାଇଥିଲେ। ବାଡି ପଛ ପଟୁ ନ ଆସିବାରୁ କିଛି ସମୟ ପରେ ପରିବାର ଲୋକ ଯାଇ ଦେଖି ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବିନିର୍ମାଣ ଏବଂ ଯୋଗାଣ ପାଇଁ ଇ-ଟେଣ୍ଡର ବିଜ୍ଞପ୍ତି**
ଇ-ଟେଣ୍ଡର ନଂ.: ୧୩୬ସିଇସିଟିଆର୍‌ବିଏସ୍‌ପି୨୦୦୧, ତାରିଖ: ୧୧।୦୨।୨୦୨୦
ତାରିଖ: ତା୧୨।୦୩।୨୦୨୦ରିଖରେ ଖୋଲାଯିବା ପାଇଁ ଧାର୍ଯ୍ୟ। କାର୍ଯ୍ୟ: ଆରଡିଏସଓର ଡ୍ରଇଂ. ନଂ. ଟି-୨୫୭୨ ଅନୁଯାୟୀ ୬ ମିମି ଘନ ଏଣ୍ଡ ପୋଷ୍ଟ ସହିତ ୬୦ କିଗ୍ରା (ୟୁଆଇସି) ଗ୍ଲୁଡ୍ ଇନ୍‌ସୁଲେଟେଡ୍ ରେଲ୍ ଜଏଣ୍ଟ ଜି-୩(ଏଲ) ଟାଇପର ବିନିର୍ମାଣ ଓ ଯୋଗାଣ। ପରିମାଣ: ୩୦୫୪ ଗୋଟି। ଟେଣ୍ଡର ମୂଲ୍ୟ (ଟ.): ₹୪,୩୩,୯୫,୫୩୮/- (ଚାରି କୋଟି ତେତିଶ ଲକ୍ଷ ପଞ୍ଚାନବେ ହଜାର ପାଞ୍ଚଶହ ଅଠତିରିଶ ମାତ୍ର)। ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ। ଇଏମଡି: ₹୮,୬୭,୯୨୦/- (ଆଠ ଲକ୍ଷ ସତଷଠି ହଜାର ନଅଶହ କୋଡ଼ିଏ ମାତ୍ର)। ଟେଣ୍ଡର ସମାପ୍ତି: ତା୧୨।୦୩।୨୦୨୦ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ।
ଉପରୋକ୍ତ ଇ-ସଂଗ୍ରହଣ ଟେଣ୍ଡର ବିଜ୍ଞପ୍ତିର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍: http://www.ireps.gov.in, http://www.secr.indianrailways.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ବାବଦରେ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍ ଗ୍ରହଣ କରାଯିବ ନାହିଁ।
ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର/ସିଓଏନ୍/ଟିଆଣ୍ଡଏସ୍
CPR/10/454 ଏସ୍.ଇ.ସି. ରେଳପଥ, ବିଳାସପୁର
South East Central Railway @secrail

# କଂଗ୍ରେସ କର୍ମୀଙ୍କ ବ୍ଲକ କାର୍ଯ୍ୟାଳୟ ଘେରାଉ

**ଏରସମା,୧୭।୨(ସ୍ୱ.ପ୍ର.)**

**ଆବାସ ଯୋଜନା ଅନିୟମିତତାର ତଦନ୍ତ ଦାବି**

ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହା ଉପରେ ପ୍ରଶାସନ ତଦନ୍ତ କରି ପ୍ରକୃତ ହିତାଧିକାରୀଙ୍କୁ ଘର ପ୍ରଦାନ କରିବା ସହିତ ଜାଲିଆତି କରିଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏନେଇ ସ୍ଥାନୀୟ କଂଗ୍ରେସ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିଡିଓଙ୍କୁ ଦାବିପତ୍ର ଦିଆଯାଇଛି। କଂଗ୍ରେସ ନେତା ତଥା ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପିସିସି ସଦସ୍ୟ ତଥା ପଲିକଣ୍ଠା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ପଦ୍ମପୁରର ପୂର୍ବତନ ସରପଞ୍ଚ କ୍ଷେତ୍ରବାସୀ ବେହେରା ପ୍ରମୁଖ ଶତାଧିକ ଆନ୍ଦୋଳନକାରୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହିତ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପୂର୍ବତନ ବିଧାୟକ ମହାପାତ୍ର କହିଥିଲେ, ଏରସମା ଭଳି ଏକ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ଅଧିକାଂଶ ସମୟ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହୁଛି। ଗତ ମହାବାତ୍ୟାରେ ଏରସମା ବ୍ଲକରୁ ୧୦ ହଜାର ଲୋକ ପ୍ରାଣ ହରାଇଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗ୍ରାମାଞ୍ଚଳର ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କୁ ଘର ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ପରିତାପର ବିଷୟ, କେତେକ ଥିଲାବାଲା ଲୋକେ ଏହି ଯୋଜନାରେ ବେଆଇନ ଭାବରେ ଘର ହାତେଇଛନ୍ତି। ଗତ ସପ୍ତାହରେ ବ୍ଲକର ବିଭିନ୍ନ ପଞ୍ଚାୟତ ପକ୍ଷରୁ ହିତାଧିକାରୀ ତାଲିକା ଘୋଷଣା କରାଯିବା ପରେ ଅନିୟମିତତା ହୋଇଥିବା ଜଣାପଡିଛି। ତେଣୁ ଏହାର ଶୀଘ୍ର ତଦନ୍ତ କରିବା ପାଇଁ ମହାପାତ୍ର ଦାବି କରିଛନ୍ତି।


କଂଗ୍ରେସ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରୁଛନ୍ତି।

# ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର

**ଜଗତ୍‌ସିଂହପୁର ଅଫିସ,୧୭।୨**

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୨୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୪୦ଟି ଯଥା ଇନ୍ଦିରା ଆବାସ/ବିଜୁ ପକ୍କାଘର ୧୧୫, ଭତ୍ତା ୧୩, ରାଶନ କାର୍ଡ ୧୧, କାଳିଆ ଯୋଜନା ୨, ସ୍ୱାସ୍ଥ୍ୟ ୭, ଜମିଜମା ୮, ବିଜୁ ଗ୍ରାମ୍ୟ ଜ୍ୟୋତି ୧, ଘରଡିହ ୧୪, ଧାନ ମଣ୍ଡି ସମସ୍ୟା ୪, ଆଇନ ସହାୟତା ୯ ଓ ଅନ୍ୟାନ୍ୟ ୪୯ଟି ଥିଲା। ସେହିପରି ଗାଁ ସମସ୍ୟା ସମ୍ପର୍କିତ ୧, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧୧, ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୧୪ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ୭ଟି ଅଭିଯୋଗ ଶୁଣାଣି କରାଯାଇ ସଙ୍ଗେସଙ୍ଗେ ଫଏସଲା କରାଯାଇଥିଲା। ଶିବିରରେ ଏସ୍‌ପି ପ୍ରକାଶ ଆର୍, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଭାରପ୍ରାପ୍ତ ଉପଜିଲାପାଳ ମାନସ ରଞ୍ଜନ ଭୋଇ ଓ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ନିତ୍ୟାନନ୍ଦ ସାହୁ**
ଦଶାହ - ତା୧୮.୨.୨୦୨୦ (ମଙ୍ଗଳବାର)
ତିରୋଧାନ - ୦୯.୦୨.୨୦୨୦ (ରବିବାର) ପ୍ରାତଃ ୬.୩୦
ସ୍ଥାନ - ଗଣାମଲ୍ଲ ସାହି, ବାଳିସାହି,ପୁରୀ
ହତଭାଗ୍ୟ ପୁତ୍ରମାନେ
ନୃସିଂହ ପ୍ରସାଦ ସାହୁ, ନାରାୟଣ ସାହୁ, ଭଗବାନ ସାହୁ, ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୬୮୧୮

CLASSIFIED DISPLAY

ବାପ୍ସ୍ ଏବେ ଆଉ ଦୁଃଖ କାହିଁକି?
ଦୁଃଖକୁ ଖୁସିରେ ବଦଳେଇବା ବାଲା ଏବଂ ରୁହାନି ଶକ୍ତି ଏବଂ କଳା ଯାଦୁରେ ମାହିର୍
ପୂର୍ବପୁରୁଷଙ୍କଠୁ ମିଳିଥିବା ବରଦାନ କେବଳ ୪ ଘଣ୍ଟାରେ ୧୦୦% ସମାଧାନ
ଆପଣ ଯେକୌଣସି ସମସ୍ୟାରେ ଯଦି ବ୍ୟସ୍ତ ଅଛନ୍ତି ତାହେଲେ ଏବେ ଫୋନ୍ କରନ୍ତୁ ଏବଂ ଘରେ ବସି ସମାଧାନ କରାନ୍ତୁ।
ପ୍ରେମବିବାହ, ବିବାହରେ ବାଧା, ଗୃହକ୍ଲେଶ, ସଉତୁଣୀ ଓ ଶତ୍ରୁ ମୁକ୍ତି, ବ୍ୟବସାୟରେ ବାଧା, ଗଡାଧନ, ଜୁଆ, ସଟ୍ଟା, ଭୂତ-ପ୍ରେତ, ପ୍ରେମ ଏବଂ ଭଲପାଇବା ଇତ୍ୟାଦି
(ମୁଠ୍‌କରଣୀ ଏବଂ ବଶିକରଣ ସ୍ପେଶାଲିଷ୍ଟ)
ପ୍ରେମରେ ଧୋକା ଖାଇଥିବା ସ୍ତ୍ରୀ-ପୁରୁଷ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପୁଅ କିମ୍ବା ଝିଅ ବ୍ୟସ୍ତ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା କବୀର ଖାନ୍
ଠିକଣା - ହୋଟେଲ ମୋନାଲିସା, ରାଜମହଲ୍, ଭୁବନେଶ୍ୱର
9911195449

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଓଲ୍ଡ଼ିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
8376889657 9971793786



ନିଷ୍କାମ ଓ ଅନାସକ୍ତ ଭାବନାରେ କର୍ମ କଲେ ଜନ୍ମ ମରଣର ଚକ୍ରରେ ଆଉ ପଡ଼ିବାକୁ ହୁଏ ନାହିଁ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ଶିକ୍ଷକଙ୍କ ଘରେ କଳାକନା ବୁଲାଇଲେ ଚୋର

**ବାଲିଚନ୍ଦ୍ରପୁର,୧୭।୨(ସ୍ୱ.ପ୍ର):** ଶିକ୍ଷକ ଓ ତାଙ୍କ ପରିବାର ଲୋକେ କେହି ଘରେ ନ ଥିବାର ସୁଯୋଗ ନେଇ ରବିବାର ରାତିରେ ତାଙ୍କ ଘରେ କଳାକନା ବୁଲାଇଛନ୍ତି ଚୋର। ଏପରି ଘଟଣା ଘଟିଛି ବାଲିଚନ୍ଦ୍ରପୁର ଥାନା ପତରାଜପୁର ପଞ୍ଚାୟତସ୍ଥିତ ଛତୁଆପାଟଣା ଗ୍ରାମରେ। ଚାରିନଙ୍ଗଳ ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ଜେନା ଓ ତାଙ୍କ ସ୍ତ୍ରୀ ସୁଲୋଚନା ପରିଡା ସହକାରୀ ଶିକ୍ଷୟିତ୍ରୀଭାବେ ବାଲିଚନ୍ଦ୍ରପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ସେମାନେ ଛତୁଆପାଟଣାରେ କିଛିଦିନ ହେବ ଏକ ନୂତନ ଘର କରି ରହୁଥିଲେ। ରବିବାର ରାତିରେ ସେ ପରିବାର ସହ ଏକ ଭୋଜିରେ ଯୋଗଦେବା ପାଇଁ ତାଲା ପକାଇ ଯାଇଥିଲେ। ସୋମବାର ସକାଳୁ ଘର ତାଲା ଭଙ୍ଗାଯାଇ ଟଙ୍କା, ସୁନା, ରୁପା ଅଳଙ୍କାର, ଲ୍ୟାପଟପ ଆଦି ଚୋରି ହୋଇଯାଇଥିବା ଦେଖିଥିଲେ। ଏ ନେଇ ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବାଲିଚନ୍ଦ୍ରପୁର ପୋଲିସ ଏକ ମାମଲା (୩୮/୨୦) ରୁଜୁ କରି ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

# ସହରବାସୀଙ୍କୁ କାଳ ଗୁଡ୍‌ସ ସେଡ୍

**ଯାଜପୁର ଅଫିସ,୧୭।୨**

ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନକୁ ଲାଗି ରହିଥିବା ଗୁଡ୍‌ସ ସେଡ କାରଣରୁ ବ୍ୟାସନଗର ସହରବାସୀ ଅତିଷ୍ଠ ହୋଇପଡିଛନ୍ତି। ମାଲ ପରିବହନ ସମୟରେ ଟ୍ରାଫିକ ସମସ୍ୟା ଲୋକଙ୍କୁ ହନ୍ତସନ୍ତ କରୁଛି। ଯେଉଁଦିନ ସିମେଣ୍ଟ ଅନଲୋଡିଂ ହେଉଛି ସେହିଦିନ ଶହଶହ ଟ୍ରକ ସହର ଦେଇ ପରିବହନ ହେଉଛି। ଏହି ସମୟରେ ଦଳା ଛକଠାରୁ ଗଣେଶ ବଜାର ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ ପରିସ୍ଥିତି ଅଣାୟତ୍ତ ହେଉଛି। ଏପରିକି ଟ୍ରାଫିକ ସମସ୍ୟା ଯୋଗୁ ଲୋକଙ୍କ ଜୀବନ ମଧ୍ୟ ଯାଉଛି। ସିମେଣ୍ଟ ଗୁଣ୍ଡରେ ସହରବାସୀ ଅତିଷ୍ଠ ହେଉଥିବାବେଳେ ଯାଜପୁର-କେନ୍ଦୁଝର ରେଳଷ୍ଟେଶନ ପରିସର ବାୟୁ ପ୍ରଦୂଷଣରେ ଉତ୍କଟ ହେଉଛି। ଏହି ରାସ୍ତାଦେଇ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ଆମ୍ବୁଲାନ୍ସ ଅଟକି ରହୁଥିବା ଦେଖିବାକୁ ମିଳିଛି। ଏହି କାରଣରୁ ଆଖପାଖରୁ ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ଜୀବନ ମଧ୍ୟ ସଙ୍କଟରେ ରହୁଛି। ଗୁଡ୍‌ସ ସେଡ୍‌କୁ ଷ୍ଟେଶନର ପଶ୍ଚିମରେ ଥିବା ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ପରିଚାଳନା ଓ ବିକାଶ ପାଇଁ ଗଠିତ ପରାମର୍ଶଦାତା କମିଟି ଓ ବିଭିନ୍ନସ୍ତରରେ ବାରମ୍ବାର ଦାବି ହୋଇ ଆସୁଥିଲେ ହେଁ ରେଳ କର୍ତ୍ତୃପକ୍ଷ ଅଣଦେଖା କରିଚାଲିଛନ୍ତି। ଏହାର ସମ୍ଭାବ୍ୟ ସଂକ୍ରାନ୍ତରେ ପରୀକ୍ଷାନିରୀକ୍ଷା କରିବାକୁ ଅନୁରୋଧ କରାଯାଇଛି ବୋଲି ରେଲୱେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି। ଏନେଇ ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେବାକୁ ବସିଛି। ଏହାସହ ଯାଜପୁରରୋଡ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା, କେନ୍ଦୁଝରକୁ ଟ୍ରେନ ଚଳାଚଳ, ମଙ୍ଗଳବାର ପୁରୀ-ଗୁଆହାଟୀ ଟ୍ରେନ ରହଣୀ, ପ୍ରତ୍ୟକ ଦିନ ରାଜଧାନୀ ଟ୍ରେନ ରହଣି ଆଦି ଦାବି ନେଇ ଆସନ୍ତାକାଲି ମଙ୍ଗଳବାର ଡିଭିଜନାଲ ରେଲୱେ ମ୍ୟାନେଜର(ଡିଆରଏମ୍)ଙ୍କୁ ଭେଟି ଆଲୋଚନା କରିବାକୁ ସହରବାସୀ ନିଷ୍ପତ୍ତି ନେଇଛନ୍ତି। ସହରବାସୀଙ୍କ ଦାବି ଉପରେ ରେଳ କର୍ତ୍ତୃପକ୍ଷ ତୁରନ୍ତ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରିବେ ତେବେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅପରପକ୍ଷେ ଇସ୍ପାତ ରାଜଧାନୀ କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳାଭାବେ ପରିଚିତ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ସର୍ବାଧିକ ରାଜସ୍ୱ ଦେଇଆସୁଛି। ଏପରିକି ଏହି ଷ୍ଟେଶନ ଏ-ଗ୍ରେଡ ମାନ୍ୟତା ପାଇଛି। କିନ୍ତୁ ସମସ୍ୟା ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି। ଷ୍ଟେଶନର ନାମକରଣକୁ ନେଇ ହୋଇଥିବା ବିବାଦ ଏଯାଏ ସମାଧାନ ହୋଇ ପାରିନାହିଁ। ଷ୍ଟେଶନର ନାମକରଣ ଯାଜପୁରରୋଡ କିମ୍ବା କଳିଙ୍ଗନଗର କରିବାକୁ ପ୍ରସ୍ତାବ ରହିଛି। କିନ୍ତୁ ରେଲୱେ ଷ୍ଟେଶନର ନାମକରଣ ଭାରତ ସରକାରଙ୍କ ଗୃହ ବିଭାଗ ହାତରେ ରହିଥିବାରୁ ତାହା ଅଟକି ରହିଛି। ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଏନେଇ ବୈଠକ ହୋଇସାରିଥିଲେ ହେଁ କୌଣସି ଅଗ୍ରଗତି ହୋଇପାରି ନାହିଁ। ଏହାବାଦ ଭୁବନେଶ୍ୱର-କେନ୍ଦୁଝରରୋଡ ମେମୁ ଟ୍ରେନକୁ ଭାୟା ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନ ଦେଇ ଚଳାଚଳ କରିବାକୁ ଗତ ୧୨ ତାରିଖରୁ ବିଭାଗୀୟ ନିଷ୍ପତ୍ତି ହୋଇସାରିଛି ବୋଲି ସୂଚନା ମିଳିଛି। ହେଲେ ଏହି ନିଷ୍ପତ୍ତିର ୫ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନରେ ସେହି ମେମୁ ଟ୍ରେନର ଦେଖାନାହିଁ। ଏହାବାଦ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦାବି ହୋଇ ଆସୁଥିଲେ ହେଁ ରେଳ କର୍ତ୍ତୃପକ୍ଷ କୌଣସି ଧ୍ୟାନ ଦେଉନାହାନ୍ତି। ଏହିସବୁ ଅସମାହିତ ସମସ୍ୟାର ସମାଧାନ କରିବାକୁ ସହରବାସୀ ଡିଆରଏମଙ୍କୁ ସାକ୍ଷାତ କରି ବିହିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛନ୍ତି।

**ଯାଜପୁର-କେନ୍ଦୁଝରରୋଡ୍ ରେଳଷ୍ଟେଶନ**



- ନାମ ପରିବର୍ତ୍ତନ ପ୍ରସ୍ତାବରେ ସୀମିତ
- ମଙ୍ଗଳବାର ପୁରୀ-ଗୁଆହାଟୀ ରହଣି ଦାବି
- ନିଷ୍ପତ୍ତି ଅନୁଯାୟୀ ହେଉନି କାର୍ଯ୍ୟକାରୀ
- ଆଜି ଡିଆର୍‌ଏମ୍‌ଙ୍କୁ ଭେଟିବେ ସହରବାସୀ

### ବାଇକ୍ ଡିକିରୁ ୧.୬୦ ଲକ୍ଷ ଲୁଟ୍

**ରସୁଲପୁର,୧୭।୨(ଡିଏନଏ)**

ରସୁଲପୁର ବ୍ଲକ କୁଆଖିଆ ବଜାରସ୍ଥିତ କୋଅପରେଟିଭ୍ ବ୍ୟାଙ୍କ ସମ୍ମୁଖରୁ ଲୁଟେରାମାନେ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୬୦ହଜାର ଟଙ୍କା ଚୋରି କରିନେଇଛନ୍ତି। ଏନେଇ କୁଆଖିଆ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶ ଯେ, ସୋମବାର ପ୍ରଥମାଖଣ୍ଡ ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରଶାନ୍ତ କୁମାର ସାହାଣୀ ଚାଷୀଙ୍କ ଠାରୁ ଆଦାୟ ହୋଇଥିବା ୧ଲକ୍ଷ ୩୦ହଜାର ଓ ସଭାପତି ମୁକୁନ୍ଦଦେବ ମହାନ୍ତିଙ୍କ ୩୦ହଜାର ଟଙ୍କା ସମେତ ମୋଟ ୧ ଲକ୍ଷ ୬୦ ହଜାର ଟଙ୍କା ନେଇ ବ୍ୟାଙ୍କକୁ ଯାଉଥିଲେ। ବ୍ୟାଙ୍କ ସମ୍ମୁଖରେ ଜଣେ ଚାଷୀ ଦେଖାହେବାରୁ ସେ ବାଇକ୍ ରଖି ତାଙ୍କ ସହ କଥା ହେଉଥିଲେ। ଏହି ସୁଯୋଗରେ ସମ୍ପାଦକ ସାହାଣିଙ୍କୁ ପିଛା କରୁଥିବା ଦୁଇଜଣ ଲୁଟେରା ବାଇକ୍ ଡିକିରୁ ଟଙ୍କା ବ୍ୟାଗକୁ ଲୁଟି ନେଇଥିଲେ। ଏ ନେଇ ସମ୍ପାଦକ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। କୁଆଖିଆ ଥାନାରେ ଏକ ମାମଲା (ନଂ-୫୫/୨୦) ରୁଜୁ କରାଯାଇଛି। ପୋଲିସ ବ୍ୟାଙ୍କରେ ପହଞ୍ଚିବା ସହ ନିକଟରେ ଥିବା ହାଇଟେକ୍ କଲେଜ ସିସିଟିଭିକୁ ଯାଞ୍ଚ କରି ତଦନ୍ତ କରୁଛି।

### ଆବାସ ଆବେଦନକାରୀଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ ପାଇଁ ଦାବି

**ବାଲିଚନ୍ଦ୍ରପୁର,୧୭।୨(ସ୍ୱ.ପ୍ର):** ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଜାରି ରଖିବା ପାଇଁ ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗକୁ ୫-ଟି ରେ ସାମିଲ କରିଛନ୍ତି। ହେଲେ ଏହାର କୌଣସି ପ୍ରଭାବ ବଡ଼ଚଣା ବ୍ଲକରେ ପଡୁନାହିଁ ବୋଲି ବ୍ଲକ ଉପାଧକ୍ଷା ଉପାସନା ପାତ୍ର ସୋମବାର ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କୁ ଚିଠି ଲେଖିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଉଥିବାରୁ ଅଯୋଗ୍ୟ ହିତାଧିକାରୀ ଆବାସ ଯୋଜନା ତାଲିକାରେ ସ୍ଥାନ ପାଉ ନାହାନ୍ତି। ବଡ଼ଚଣା ବ୍ଲକରେ ବିଭିନ୍ନ ସରକାରୀ ଯୋଜନାକୁ ନେଇ ରାଜନୀତିକରଣ କରାଯାଉଥିବାରୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡୁଛନ୍ତି। ଯାହାର ଉଦାହରଣ ଦେଖିବାକୁ ମିଳିଛି ଗୋପାଳପୁର ଓ ଚାରିନଙ୍ଗଳ ପଞ୍ଚାୟତରେ। ଗୋପାଳପୁର ପଞ୍ଚାୟତର ଖଡ଼ଗପୁର ଗ୍ରାମରେ ଅନେକ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିଥିବା ନେଇ ଉପାଧକ୍ଷାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଉପାଧକ୍ଷା ପାତ୍ର ଆବେଦନକାରୀଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ତଦନ୍ତ କରି ଯୋଜନାରେ ସାମିଲ କରିବା ପାଇଁ ବଡ଼ଚଣା ବିଡିଓଙ୍କୁ ଚିଠି ଲେଖି ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ, ପ୍ରାପ୍ତି ସ୍ୱୀକାର ପତ୍ର ଦେବା ପାଇଁ ତାଙ୍କୁ ସରକାରଙ୍କର କୌଣସି ନିର୍ଦ୍ଦେଶ ନାହିଁ। ତେବେ ସେପରି କିଛି ସମସ୍ୟା ଘଟିବ ନାହିଁ ବୋଲି ସେ କହିଛନ୍ତି।

## ୨୬ ବର୍ଷ ପରେ ଉଠିଲା ଶୃଙ୍ଖଳାଗତ କାର୍ଯ୍ୟବିଧି

**ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଅନିୟମିତତା ମାମଲା**

- ଢେଙ୍କାନାଳ ଜିଲା ଗଁଦିଆ ଡିଭିଜନରେ ହୋଇଥିଲା ଅଭିଯୋଗ

**ଯାଜପୁର ଅଫିସ,୧୭।୨**

ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନ-୧ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ବିଜୟ କୁମାର ମାଦାଳିଙ୍କ ବିରୋଧରେ ହୋଇଥିବା ଶୃଙ୍ଖଳାଗତ କାର୍ଯ୍ୟବିଧି (ଡିସିପ୍ଲିନାରୀ ପ୍ରୋସିଡିଂ) ୨୬ ବର୍ଷ ପରେ ଉଠାଇ ଦିଆଯାଇଛି। ଏହିମର୍ମରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ(ଆରଡି) ବିଭାଗର ଅତିରିକ୍ତ ଚିଫ୍ ସେକ୍ରେଟାରୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଦୀର୍ଘ ୨୬ ବର୍ଷ ପର୍ଯ୍ୟନ୍ତ ଆରଡି ବିଭାଗ କେଉଁ କାରଣରୁ ଶୃଙ୍ଖଳାଗତ କାର୍ଯ୍ୟବିଧିକୁ ଝୁଲାଇ ରଖିଥିଲା ତାହା ଜିଲାରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ, ଯନ୍ତ୍ରୀ ମାଦାଳି ଢେଙ୍କନାଳ ଜିଲା ଗଁଦିଆ ଗ୍ରାମ୍ୟ ନିର୍ମାଣ ଡିଭିଜନରେ କନିଷ୍ଠ ଯନ୍ତ୍ରୀଭାବେ କାର୍ଯ୍ୟ କରୁଥିବା ସମୟରେ ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ଥିବା ଦର୍ଶାଇ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ମେମୋରେଣ୍ଡମ ସଂଖ୍ୟା ୨୧୫୦୪/୧୭।୯।୧୯୯୪ରେ ଶୃଙ୍ଖଳାଗତ କାର୍ଯ୍ୟବିଧି ନୋଟିସ ଜାରି ହୋଇଥିଲା। ଏହି ନୋଟିସ ପାଇବା ପରେ ଯନ୍ତ୍ରୀ ମାଦାଳି ୧୭।୧୧।୧୯୯୪ରେ ତାଙ୍କ ପକ୍ଷ ରଖିଥିଲେ। ଏହାପରେ କଟକ ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କୁ ବିଭାଗୀୟ ନିର୍ଦ୍ଦେଶନାମା ୧୫୧୫୨/୧୫।୭।୨୦୦୨ରେ ଏହାର ତଦନ୍ତକାରୀ ଅଧିକାରୀଭାବେ ନିଯୁକ୍ତି ଦିଆଯାଇଥିଲା। ତଦନ୍ତ ରିପୋର୍ଟ ଗ୍ରହଣ କରିବା ପରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ୨୬ ବର୍ଷ ପରେ ଅର୍ଥାତ ୬।୧୨।୨୦୧୯ରେ ଆଇନ ଅନୁସାରେ ଏକ ତଦନ୍ତ ରିପୋର୍ଟ ଦିଆଯାଇ ୧୫ଦିନ ମଧ୍ୟରେ ଆବଶ୍ୟକ ଉତ୍ତର ରଖିବାକୁ ସୁଯୋଗ ଦିଆଯାଇଥିଲା। ଏହିକ୍ରମରେ ଯନ୍ତ୍ରୀ ମାଦାଳି ୯।୧୨।୨୦୧୯ରେ ତଦନ୍ତ ରିପୋର୍ଟ ବିରୋଧରେ ନିଜ ପକ୍ଷ ରଖିଥିଲେ। ଏହାପରେ ସରକାର ତାଙ୍କ ବିରୋଧରେ ହୋଇଥିବା ତଦନ୍ତ ରିପୋର୍ଟ, ଯନ୍ତ୍ରୀ ଦେଇଥିବା ପ୍ରତିରକ୍ଷା ରିପୋର୍ଟ ଆଦିକୁ ଯତ୍ନପୂର୍ବକ ଅନୁଧ୍ୟାନ କରି ଶୃଙ୍ଖଳାଗତ କାର୍ଯ୍ୟବିଧିକୁ ଉଠାଇ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗରେ ଏହିସବୁ କାର୍ଯ୍ୟଧାରାକୁ ସାଧାରଣ ଲୋକେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏ ସଂକ୍ରାନ୍ତରେ ଯନ୍ତ୍ରୀ ମାଦାଳିଙ୍କୁ ପଚାରିବାରୁ, ସେ ଯେତେବେଳେ ଗଁଦିଆ ଗ୍ରାମ୍ୟ ନିର୍ମାଣ ଡିଭିଜନରେ ଜଣେ କନିଷ୍ଠ ଯନ୍ତ୍ରୀଭାବେ କାର୍ଯ୍ୟ କରୁଥିଲେ ତାଙ୍କ ବିରୋଧରେ ଏକ ସାଧାରଣ ଅଭିଯୋଗ ହୋଇଥିଲା। ଏ ଦିଗରେ ସରକାର ଆବଶ୍ୟକ ତଦନ୍ତ କରି ୨୬ ବର୍ଷ ପରେ ବନ୍ଦ କରି ଦେଇଛନ୍ତି ବୋଲି କହିଛନ୍ତି।

### ନାଳରୁ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବିଞ୍ଝାରପୁର/ବରୀ,୧୭।୨(ଡିଏନଏ/ସ୍ୱ.ପ୍ର)**

ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ ଅନ୍ତର୍ଗତ ଚିଙ୍ଗୁଡିଆ ନାଳରୁ ଜଣେ ବୃଦ୍ଧଙ୍କ ଅର୍ଦ୍ଧଗଳିତ ମୃତଦେହକୁ ବିଞ୍ଝାରପୁର ପୋଲିସ ସୋମବାର ପୂର୍ବାହ୍ନରେ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ବୟସ ପ୍ରାୟ ୭୦ ହେବ ବୋଲି ଅନୁମାନ କରାଯାଉଛି। ଖବର ମୁତାବକ, ସୋମବାର ସକାଳେ ବୋଦୁଅ ଅଞ୍ଚଳବାସୀ ଚିଙ୍ଗୁଡିଆ ନାଳକୁ ଶୌଚ ହେବାକୁ ଯାଇଥିଲାବେଳେ ସେହି ନାଳରେ ଯାତାୟାତ ପାଇଁ ନିର୍ମିତ ବାଉଁଶ ପୋଲରେ ଜଣେ ବୃଦ୍ଧ ମୃତଦେହ ଲାଖି ରହିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ବିଞ୍ଝାରପୁର ଥାନାକୁ ଖବର ଦେବାପରେ ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚିଙ୍ଗୁଡିଆ ନାଳରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ମୁଗୁପାଳ ଚାମ୍ପିୟନ




ଟୁର୍ନାମେଣ୍ଟ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

**ରସୁଲପୁର,୧୭।୨(ଡିଏନଏ)**

ରସୁଲପୁର ବ୍ଲକ ଅଧୀନ ବ୍ରହ୍ମବରଦା ଫାଣ୍ଡି ଅନ୍ତର୍ଗତ ଦେଓଦା ପଞ୍ଚାୟତର ବଳଦେବଜୀଉ ହାଇସ୍କୁଲ ପଡିଆରେ ଏକ ଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପ୍ରଗତି ସ୍ପୋର୍ଟିଂ କ୍ଲବ ମୁଗୁପାଳ ଦଳ ବନମାଳିପୁର ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ହିମାଂଶୁ ଶେଖର ସାହୁ, ଦେଓଦା ସରପଞ୍ଚ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଯୁବନେତା ପ୍ରମୋଦ କୁମାର ଜେନା, ଲକ୍ଷ୍ମୀଧର ସାହୁ, ନିତ୍ୟାନନ୍ଦ ମହାନ୍ତି, ଅମୀୟ ପରିଡା, ରବିନାରାୟଣ ଜେନା, ରଞ୍ଜିତ ଦାସ, ପ୍ରକାଶ ମିଶ୍ର, ଲକ୍ଷ୍ମୀକାନ୍ତ ପଣ୍ଡା, ଦିଲ୍ଲୀପ ସାହୁ, ଦେବଦତ୍ତ ପଟ୍ଟନାୟକ, ଶିଶିର ବାରିକ, ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ ଟୁର୍ନାମେଣ୍ଟଟି ନକ୍‌ଆଉଟ୍ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭିକ ଅବସ୍ଥାରେ ବନମାଳିପୁର ଦଳ ଉନ୍ନତ ପ୍ରଦର୍ଶନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ମୁଗୁପାଳ ଉନ୍ନତ ଖେଳ ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା। ଯୁବନେତା ଅକ୍ଷୟ ସାହୁ ଖେଳକୁ ଉଦ୍‌ଘାଟନ କରିଥିଲେ। ନିଗମାନନ୍ଦ ମିଶ୍ର, ଅମରେନ୍ଦ୍ର ସାହୁ, ସଂଜୀବ ସାମଲ ପ୍ରମୁଖ ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ।

## ବଡ଼ଚଣାର ୭ ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ଲାଗିଲା ସିସିଟିଭି

**ଚଣ୍ଡିଖୋଲ,୧୭।୨(ଡ଼ି.ଏନ.ଏ)**

ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ୨୦ଟି ରେଗୁଲାର ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ସେଥିରୁ ୭ଟି କେନ୍ଦ୍ରକୁ ଚିହ୍ନଟ କରାଯାଇ ସମ୍ପୃକ୍ତ କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି। ସେଥିପାଇଁ ସରକାରଙ୍କ ତରଫରୁ କପି ରୋକିବା ପାଇଁ କଡ଼ା ପଦକ୍ଷେପ ସ୍ୱରୂପ ବିଭିନ୍ନ ପ୍ରଚେଷ୍ଟା ଜାରି ରହିଛି। ବଡ଼ଚଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ୨୦ଟି ପରୀକ୍ଷା କେନ୍ଦ୍ରରୁ ୧୭ଟି ବଡ଼ଚଣା ମହାବିନାୟକ ବିଦ୍ୟାୟନ ନୋଡ଼ାଲ ସେଣ୍ଟର ଭିତରେ ରହିଥିଲାବେଳେ ୩ଟି ପରୀକ୍ଷାକେନ୍ଦ୍ରକୁ ବରୀ ନୋଡ଼ାଲ ସେଣ୍ଟର ଅଧିନକୁ ଦିଆଯାଇଛି। ମୋଟ ୩ହଜାର ୭ଶହ ୧୫ ପରୀକ୍ଷାର୍ଥୀ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଦେଉଥିବା ଜଣାଯାଇଛି। ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ପାଇଁ ସମଗ୍ର ଜିଲାରୁ ଏକମାତ୍ର ଧାନମଣ୍ଡଳ ନୋଡାଲ ହାଇସ୍କୁଲକୁ ପରୀକ୍ଷା କେନ୍ଦ୍ରଭାବେ ନିର୍ଣ୍ଣୟ କରାଯାଇଛି। ଜିଲାରୁ ଶତାଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ସ୍ଥିର ହୋଇଛି। ସେହିପରି ବଡ଼ଚଣା ବ୍ଲକ ଅଞ୍ଚଳରେ ଥିବା ୨ଟି, ବରୀ ବ୍ଲକରେ ଥିବା ୨ଟି ଓ ଧର୍ମଶାଳା ବ୍ଲକ ଅଞ୍ଚଳରେ ଥିବା ଗୋଟିଏ ଏହିପରି ମୋଟ ୫ଟି ସଂସ୍କୃତ ବିଦ୍ୟାଳୟର ପରୀକ୍ଷାର୍ଥୀଙ୍କ ପାଇଁ ଏକମାତ୍ର ପରୀକ୍ଷା କେନ୍ଦ୍ରଭାବେ ବଡ଼ଚଣା ମହାବିନାୟକ ବିଦ୍ୟାୟନକୁ ଚୟନ କରାଯାଇଛି। ସଂସ୍କୃତର ମଧ୍ୟମା ପରୀକ୍ଷା ପାଇଁ ୧୯୫ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। ଏହି ସବୁ ପରୀକ୍ଷା କେନ୍ଦ୍ର ପରିଚାଳନା ପାଇଁ ବଡ଼ଚଣା ମହାବିନାୟକ ବିଦ୍ୟାୟନକୁ ନୋଡ଼ାଲ ସେଣ୍ଟର ଭାବେ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏହିଠାରେ ପ୍ରଶ୍ନପତ୍ର ଓ ଉତ୍ତର ଖାତା ଗଚ୍ଛିତ ରଖାଯିବା ପାଇଁ ଗତ ୧୪ ତାରିଖରୁ କଡ଼ା ସୁରକ୍ଷା ମଧ୍ୟରେ ଜଗାରଖା ଆରମ୍ଭ ହୋଇଛି ବୋଲି ବଡ଼ଚଣା ଶିକ୍ଷାଧିକାରୀ ସସ୍ମିତା ସାହୁ ସୂଚନା ଦେଇଛନ୍ତି।

### ସୋତି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା

**କୋରେଇ,୧୭।୨(ସ୍ୱ.ପ୍ର):** କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋତି ଗ୍ରାମରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ମନ୍ଦିର ପ୍ରତିଷ୍ଠା ଶେଷ ହୋଇଛି। ଅଙ୍କୁରାରୋପଣ ପରେ ଶୁଭାଧିବାସ, କଳସ ଶୋଭାଯାତ୍ରା ଓ ଗ୍ରାମଦେବତୀ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ, ଗୋପୂଜା, ସୂର୍ଯ୍ୟପୂଜା, ମନ୍ଦିରାଧିବାସ, ନୂତନ ପାର୍ଶ୍ୱ ଦେବତା ନଗର ପରିକ୍ରମା କରାଯାଇଛି। ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ରବିବାର ମଧ୍ୟାହ୍ନରେ ବିଗ୍ରହ ଦେବାତାଙ୍କ ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଗଦାଧର ଦାଶ ଓ ମିନତୀ ଦାଶ, ବିଷ୍ଣୁ ଚରଣ ରାଉତ ଓ ରାଧାରାଣୀ ରାଉତ, ନରେନ୍ଦ୍ର ପଣ୍ଡା ଓ ସୁଲୋଚନା ପଣ୍ଡା ପ୍ରମୁଖ ପୂଜା କର୍ମରେ କର୍ତ୍ତାଭାବେ ଉପବେଶନ କରିଥିଲେ।

### ଆକାଉଣ୍ଟରୁ ୪୫ହଜାର ଟଙ୍କା ଗାଏବ

**କାଳିଆପାଣି,୧୭।୨(ଡିଏନଏ):** କଲରଙ୍ଗୀଅଟା ଷ୍ଟେଟବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାୟବ ହୋଇଥିବା ନେଇ କାଳିଆପାଣି ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କାଳିଆପାଣି ଖଣି ଅଞ୍ଚଳରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଆଲଏଜ ଖଣିରେ ପୁଷ୍କର ସାହୁ ନାମକ ଜଣେ ବ୍ୟକ୍ତି କାର୍ଯ୍ୟ କରୁଛନ୍ତି। ପୁଷ୍କର କଲରଙ୍ଗୀଅଟା ଷ୍ଟେଟ ବ୍ୟାଙ୍କରେ ଏକ ଜମାଖାତା ଖୋଲିଥିଲେ। ବାଲେଶ୍ୱର ଖଣିରେ କାର୍ଯ୍ୟ କରୁଥିବାରୁ ସେହି ଜମା ଖାତାରେ ପ୍ରତିମାସ ତାଙ୍କ ଦରମା ଆସୁଥିବାବେଳେ ୪ଦିନ ପୂର୍ବେ ଖାତାରୁ ଟଙ୍କା ଉଠାଣର ମେସେଜ ଆସିଥିଲା। ମେସେଜ ଦେଖି ତୁରନ୍ତ ଏଟିଏମ୍‌କୁ ଯାଇ ଚେକ୍ କରିବା ପରେ ୪୫ହଜାର ଟଙ୍କା ଉଠାଣ ହୋଇଥିବା ଜାଣିବାକୁ ପାଇଥିଲେ। ତୁରନ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସହ ଯୋଗାଯୋଗ କରିଥିଲେ। ତେବେ ମ୍ୟାନେଜର ଏହାର ଯାଞ୍ଚ କରିବାକୁ ଆଶ୍ୱସନା ଦେଉଥିବାବେଳେ ତିନି ଚାରି ଦିନ ବିଳମ୍ବ ହେବାରୁ କାଳିଆପାଣି ଥାନାରେ ସେ ସୋମବାର କଲରଙ୍ଗୀ ଷ୍ଟେଟ ବ୍ୟାଙ୍କ ଜମାଖାତାରୁ ୪୫ହଜାର ଟଙ୍କା କେହି ଉଠାଇ ନେଇଥିବା ଅଭିଯୋଗ କରିଛନ୍ତି। ଏନେଇ କାଳିଆପାଣି ଥାନା ପକ୍ଷରୁ ଏକ ମାମଲା (ନଂ.୧୧/୨୦୨୦) ରୁଜୁ କରି ଯାଞ୍ଚ କରୁଥିବା ଜଣାପଡ଼ିଛି।

### 'ସାରଳା ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ମଞ୍ଚରେ ଉପସ୍ଥିତ ଅତିଥି।

**ରସୁଲପୁର,୧୭।୨(ଡିଏନଏ)**

ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ କଲେଜର ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ସାରଳା ସାହିତ୍ୟ ଶୀର୍ଷକ ଏକ ଆଲୋଚନାଚକ୍ର କଲେଜ ଅଧ୍ୟାପକ ମହେଶ୍ୱର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାପକ ସୁଶାନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା, ସୋର କଲେଜର ଭାଷା ସାହିତ୍ୟ ପ୍ରଧାପକ ରବୀନ୍ଦ୍ର କୁମାର ବିହାରୀ, ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ, ସଂଜୟ କୁମାର ପ୍ରଧାନ, ବାବୁଲା ରଣା, ଶିବପ୍ରସାଦ ସାହୁ, ରଶ୍ମିକାନ୍ତ ଦାସ ପ୍ରମୁଖ ଯୋଗଦେଇ ଆଦିକବି ସାରଳା ଦାସଙ୍କର ସାହିତ୍ୟ ପ୍ରତି ଅବଦାନକୁ ବର୍ଣ୍ଣନା କରିବା ସହ ସେ ଓଡ଼ିଆ ଜାତିର ଅସ୍ମିତା ଥିଲେ ବୋଲି କହିଥିଲେ। ଛାତ୍ରୀ ପୁଷ୍ପାଞ୍ଜଳି ଦାଶ ଓ ବର୍ଷାରାଣୀ ଦାସ ଭିତ୍ତିପ୍ରବନ୍ଧ ପାଠନ କରିଥିବାବେଳେ ଛାତ୍ର ସୌଭାଗ୍ୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିଙ୍କୁ ମହାବିଦ୍ୟାଳୟର ଓଡିଆ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଜ୍‌ତମାକୁ କରୋନା ଭୟ

- ୨୯ରୁ ୨ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ ବିଶ୍ୱସ୍ତରୀୟ ଇଜ୍‌ତମା ସମ୍ମିଳନୀ
- ପ୍ରଶାସନର ଚିନ୍ତା ବଢାଇଛି ସଂକ୍ରମଣ ଭୟ

**ରସୁଲପୁର,୧୭।୨(ଡିଏନଏ)**

ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଞ୍ଚଳରେ ଆଲ୍‌ମି ଇଜ୍‌ତମା (ମୁସଲିମ ସମ୍ପ୍ରଦାୟ ଧର୍ମ ସମ୍ମିଳନୀ) ୨୯ ଫେବୃୟାରୀରୁ ଆରମ୍ଭ ହେଉଛି। ଏ ଦିଗରେ ପ୍ରସ୍ତୁତି ଜୋରଦାର ଚାଲିଛି। ମାତ୍ର ଇଜ୍‌ତମାକୁ ନେଇ ଘାରିଛି କରୋନା ଭୟ। ଏହାକୁ ନେଇ ସବୁ ମହଲରେ ବ୍ୟସ୍ତତା ବଢିଯାଇଛି। ଏହି ସମ୍ମିଳନୀ ଏକ ବିଶ୍ୱସ୍ତରୀୟ ସମ୍ମିଳନୀ ହୋଇଥିବାରୁ ସମଗ୍ର ବିଶ୍ୱ ସମୁଦାୟରେ ଥିବା ମୁସଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁ, ଧର୍ମଗୁରୁ (ମୌଲବୀ)ମାନେ ଏଥିରେ ଅଂଶଗ୍ରହଣ କରିବେ। ତେଣୁ ବିଦେଶରୁ ଆସୁଥିବା ଆଗନ୍ତୁକଙ୍କଠାରୁ ଭାରତକୁ କରୋନା ଭାଇରାସ ଆସିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ।

ବ୍ରହ୍ମବରଦା ଇଜ୍‌ତମା ପଡିଆରେ ୨୯ରୁ ୨ମାର୍ଚ୍ଚ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ (୨୯ରୁ ୨ମାର୍ଚ୍ଚ) ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ। ଶତାଧିକ ଏକର ଜମି ଉପରେ ଏହି ସମ୍ମିଳନୀ ହେବା ନେଇ ଇଜ୍‌ତମା ପଡିଆର ଉନ୍ନତୀକରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ପଡିଆରେ ପାନୀୟଜଳ ସୁବିଧା ପାଇଁ ୩ଟି ଗଭୀର ନଳକୂପ ଖନନ କରାଯାଇଛି। ୫୦ଟି ଅଗଭୀର ନଳକୂପ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘଣ୍ଟାକୁ ୨ହଜାର ଲିଟର ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଉଛି। ପଡିଆରେ ବିଜୁଳି ଯୋଗାଣ ପାଇଁ ୨୫୦ କେ.ଭିର ଏକ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ଖାଦ୍ୟ ପରିବେଷଣ ପାଇଁ ୧୫୦ଟି ହୋଟେଲ, ୨୦୦ଟି ଜଳଖିଆ ଷ୍ଟଲ ଖୋଲାଯିବ। ଏସବୁ ସ୍ଥାନରେ ବିଭିନ୍ନ ଦେଶର ଆଞ୍ଚଳିକ ଖାଦ୍ୟ ଉପଲବ୍ଧ ହେବ। ଏହାଛଡା ସମଗ୍ର ଭାରତବର୍ଷର ବିଭିନ୍ନ ରାଜ୍ୟରୁ ୩୬ଟି ସବିଲ୍ (ମାଗଣା ଖାଦ୍ୟ ପରିବେଷଣ ଷ୍ଟଲ) ଖୋଲାଯିବ। ଏହି ଜରିଆରେ ବିଭିନ୍ନ ରାଜ୍ୟରୁ ସମ୍ମିଳନୀରେ ଯୋଗ ଦେଉଥିବା ଧର୍ମାଲମ୍ବୀଙ୍କୁ ମାଗଣାରେ ରୁଚିକର ଖାଦ୍ୟ ପରିବେଷଣ କରାଯିବ। ଏହାଛଡା ରାତ୍ରୀଯାପନ କରୁଥିବା ଶ୍ରଦ୍ଧାଳୁଙ୍କ ଶୌଚ ପାଇଁ ୩ହଜାର ପାଇଖାନା ନିର୍ମାଣ କାର୍ଯ୍ୟ ଚାଲିଛି। ଇଜ୍‌ତମା ପଡିଆକୁ ପ୍ରବେଶ କରିବା ପାଇଁ ସମସ୍ତ ପାର୍ଶ୍ୱରୁ ରାସ୍ତାର ସୁବିଧା କରାଯାଇଛି। ପଡିଆ ଚାରିପଟେ ୪ଟି ପାର୍କିଂ ସ୍ଥାନ ନିରୂପଣ କରାଯିବା ନେଇ ନକ୍ସା ପ୍ରସ୍ତୁତ ହୋଇଛି। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଯାଜପୁର ଜିଲା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ପାଇଁ ସମୀକ୍ଷା କରାଯାଉଛି। ଏହାଛଡା ସ୍ଥାନୀୟ ଇଜ୍‌ତମା ପରିଚାଳନ କମିଟି ପକ୍ଷରୁ ୪୦୦ ଯୁବକଙ୍କୁ ନିଯୁକ୍ତି ଦିଆଯାଇ ଆଇନ ଶୃଙ୍ଖଳା ସ୍ଥିତିକୁ ସଜାଡିବାରେ ସହାୟକ ହେବା ନେଇ ଯୋଜନା ପ୍ରସ୍ତୁତି କରାଯାଇଛି। ୧୯୯୬ରେ ଏଠାରେ ଅନୁଷ୍ଠିତ ସମ୍ମିଳନୀ ସଫଳ ହୋଇଥିଲା। ୨୪ ବର୍ଷ ପରେ ଏଠାରେ ମୁସଲମାନ ଧର୍ମ ସଂଗଠନ ପକ୍ଷରୁ ପୁନର୍ବାର ସମ୍ମିଳନୀ ଆୟୋଜନ ପାଇଁ ଆସ୍ଥା ପ୍ରକଟ କରାଯାଇଛି। ମାତ୍ର ଚଳିତଥର ସମ୍ମିଳନୀ ପାଇଁ ପଡ଼ୋଶୀ ଦେଶ ଚାଇନାରେ ଦେଖାଦେଇଥିବା କରୋନା ଭାଇରସ୍ ସଂକ୍ରମଣ ଚାଲେଞ୍ଜ ସୃଷ୍ଟି କରିଛି। ଏ ଦିଗରେ ପ୍ରଶାସନ କ'ଣ ସବୁ ପଦକ୍ଷେପ ନେଇଛି ସେ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ। ପଚା ଓ ବାସୀଖାଦ୍ୟକୁ ସମ୍ମିଳନୀ ସ୍ଥଳରୁ ଦୂରେଇ ରଖିବା, ଶ୍ରଦ୍ଧାଳୁଙ୍କୁ ସଜ ଖାଦ୍ୟ ପରିବେଷଣ ଉପରେ ଗୁରୁତ୍ୱ ଦେବା, ସ୍ୱଚ୍ଛ ପାନୀୟ ଜଳ, ସମ୍ମିଳନୀ ସ୍ଥଳରେ ପରିଷ୍କାର ପରିଚ୍ଛନ୍ନତାକୁ ବଜାୟ ରଖିବା ନେଇ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ସହ ସମ୍ମିଳନୀକୁ କରୋନାମୁକ୍ତ ରଖିବାକୁ ନେଇ ଚର୍ଚ୍ଚା ଆରମ୍ଭ ହେଲାଣି। ସମ୍ମିଳନୀ ସମୟ ଯେତେ ପାଖେଇ ଆସୁଛି, କୋରୋନା ଭୟ ସେତେ ବଢି ଚାଲିଛି। ଏନେଇ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକଙ୍କୁ ପଚାରିବାରୁ, କରୋନା ସଂକ୍ରମଣ ନ ହେବା ଦିଗରେ ଜିଲା ପ୍ରଶାସନ ସଜାଗ ରହିଛି। ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ଏ ନେଇ ସ୍ୱତନ୍ତ୍ର ଡାକ୍ତରୀଦଳ ଗଠନ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡା ବିଦେଶ ଓ ଭାରତର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁ ଓ ଧର୍ମଗୁରୁଙ୍କୁ ବିମାନ ବନ୍ଦର, ରେଲୱେ ଷ୍ଟେଶନରେ ପରୀକ୍ଷାନିରୀକ୍ଷା କରାଯାଇ ଛଡାଯିବ। ଏହାଛଡା ସନ୍ଦିଗ୍ଧଙ୍କ ସ୍ୱାସ୍ଥ୍ୟ ମଧ୍ୟ ପରୀକ୍ଷା କରାଯିବାର ବ୍ୟବସ୍ଥା କରାଯିବ ବୋଲି ମତ ରଖିଛନ୍ତି।



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ, ତା' ସହିତ ବନ୍ଧୁତା ବାନ୍ଧ ନାହିଁ।

-କନ୍‌ଫୁସିୟସ

## ସଂକ୍ଷେପରେ

### ନୂତନ ତହସିଲଦାରଙ୍କ କାର୍ଯ୍ୟଭାର ଗ୍ରହଣ



ବିଞ୍ଝାରପୁର, ୧୭।୨(ଡିଏନଏ)- ବିଞ୍ଝାରପୁର ତହସିଲର ନୂତନ ତହସିଲଦାର ଭାବେ ଅସ୍ମିତା ଦାସ ସୋମବାର ପୂର୍ବାହ୍ଣରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଞ୍ଝାରପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ମିନତୀ ଜଗଦେବଙ୍କ ନିକଟରୁ ଦାସ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି, ପୂର୍ବରୁ ବିଞ୍ଝାରପୁର ତହସିଲଦାର ଭାବେ କାର୍ଯ୍ୟ କରୁଥିବା ତହସିଲଦାର ମିନତୀ ଜଗଦେବ ବିଡିଓ ଭାବେ ସେହି ବ୍ଲକରେ ନିଯୁକ୍ତି ପାଇଥିବାରୁ ଦିର୍ଘଦିନ ହେଲା ତହସିଲଦାର ପଦବୀ ଖାଲି ପଡିଥିଲା। ଏହାପରେ ଦାସ ବିଞ୍ଝାରପୁର ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି।

### 'ଶିକ୍ଷା କେବଳ ସାର୍ଟିଫିକେଟ ସର୍ବସ୍ୱ ନ ହେଉ'

ବରୀ, ୧୭।୨(ସ୍ୱ.ପ୍ର)- ବରୀ ବ୍ଲକ ଅଧୀନ ରତ୍ନଗିରିସ୍ଥିତ ପଟଣା ଗ୍ରାମର ସିଦ୍ଧେଶ୍ୱର ଜନକଲ୍ୟାଣ ଯୁବକେନ୍ଦ୍ରର ଶିକ୍ଷା ସେଚତନତା କାର୍ଯ୍ୟକ୍ରମ ଶୁକ୍ରବାର ରାଉତସାହି ପଞ୍ଚାୟତର ପଟଣାସ୍ଥିତ ସିଦ୍ଧେଶ୍ୱର ଜନକଲ୍ୟାଣ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ହୃଦାନନ୍ଦ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ଚିତ୍ତରଞ୍ଜନ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶିକ୍ଷକଭାବେ ସମାଜିକ କର୍ମୀ ଆଶୁତୋଷ ପରିଡା ମୁଖ୍ୟଅତିଥି, ମୁଖ୍ୟବକ୍ତାଭାବେ ନୂଆ ଆଲୋକ ସ୍ୱେଚ୍ଛାସେବୀ ସଂଗଠନ ସଭାପତି ଶରତ କୁମାର ଜେନା ଯୋଗଦାନ କରି ଶିକ୍ଷା କେବଳ ସାର୍ଟିଫିକେଟ ସର୍ବସ୍ୱ ନ ହୋଇ ସାମାଜିକ ଜୀବନରେ କିପରି ପ୍ରତିଫଳିତ ହେବ ସେ ବିଷୟରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ କବିର ଦାସ ସମ୍ମାନିତ ଅତିଥି, ଯୁବ ସ୍ୱେଚ୍ଛାସେବୀ ପ୍ରିୟବ୍ରତ ଜେନା ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର ସଂଗଠନ ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଜୟ କିଶୋର ଜେନା, ଧିରେନ୍ଦ୍ର ଜେନା, କୃପାସିନ୍ଧୁ ଜେନା, ଜିତେନ୍ଦ୍ର ଜେନା, ପରେଶ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅଜିତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

### ନୂତନ ଡାକ୍ତର ନିଯୁକ୍ତି ପାଇଁ କୃତଜ୍ଞତା ଜଣାଇଲେ ପୂର୍ବତନ ବିଧାୟକ

ଧର୍ମଶାଳା, ୧୭।୨(ଡିଏନଏ)- ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ଜଣ ନୂତନ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଧର୍ମଶାଳାର ପୂର୍ବତନ ବିଧାୟକ ରବି ଲାବଣ୍ୟ ଏହାକୁ ସ୍ୱାଗତ କରିଛନ୍ତି। ନୂତନ ନିଯୁକ୍ତି ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବା ସହିତ ସ୍ୱାସ୍ଥ୍ୟସେବା ତ୍ୱରାନ୍ୱିତ ହେବ ବୋଲି ସେ ଆଶା ରଖିଛନ୍ତି। ଏଥିପାଇଁ ସେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନା ଯେ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବା ନେଇ ଲାବଣ୍ୟ ଜାନୁୟାରୀ ୪ରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଫେବୃୟାରୀ ମଧ୍ୟରେ ଡାକ୍ତର ନିଯୁକ୍ତି କରାଯିବ ବୋଲି ମନ୍ତ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ।

# ଭୁଲିଗଲେ ପରିବେଶ ପରିଚାଳନା ପ୍ରତିଶ୍ରୁତି

ଯାଜପୁର ଅଫିସ, ୧୭।୨



- ଦେଶର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ରହିଛି କଳିଙ୍ଗନଗର ଶିଳ୍ପାଞ୍ଚଳ
- ଦେଢବର୍ଷ ତଳେ ହୋଇଥିଲା ପ୍ରଶାସନିକ ନିଷ୍ପତ୍ତି
- ମେକାନିକାଲ ରୋଡ ସୁଇପିଂ ମେଶିନ ସ୍ଥାପନ ନୋହିଲା

ଗ୍ରୀନପିସ ନାମକ ଏକ ସଂସ୍ଥା ଦ୍ୱାରା ହୋଇଥିବା ଏକ ସର୍ଭେ ମୁତାବକ ଦେଶର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ଓଡ଼ିଶାର ୫ଟି ରହିଛି। ସେଥିରୁ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳ ରାଜ୍ୟର ଦ୍ୱିତୀୟ ପ୍ରଦୂଷିତ ସହର ଆଖ୍ୟା ପାଇଛି। ୮।୮।୨୦୧୮ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ପରିବେଶ ପରିଚାଳନା ସମ୍ପର୍କିତ ବୈଠକର ନିଷ୍ପତ୍ତିଗୁଡିକୁ ଯଦି ପାଳନ କରାଯାଇଥାନ୍ତା, ତେବେ ଯାଜପୁର ଜିଲା ଏଭଳି ବଦନାମ ମୁଣ୍ଡାଇ ନ ଥାନ୍ତା ବୋଲି ମତପ୍ରକାଶ ପାଇଛି। କୌଣସି ଶିଳ୍ପସଂସ୍ଥା ସେହି ନିଷ୍ପତ୍ତି ସବୁକୁ ମାନି ନ ଥିବାରୁ ସଂପ୍ରତି ବାୟୁ ଓ ଜଳ ପ୍ରଦୂଷଣରେ ସ୍ଥାନୀୟ ଲୋକେ ରୁଗ୍ଣ ହେଉଛନ୍ତି। କିଡନୀ ଓ ଯକ୍ଷ୍ମା ରୋଗରେ ମୃତ୍ୟୁ ଓ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ବିଶେଷ କରି ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଟାଟା ଷ୍ଟିଲ, ଭିସା ଷ୍ଟିଲ, ନିଳାଚଳ ଇସ୍ପାତ ନିଗମ ଲିଃ, ବିଆରପିଏଲ, ମେସ୍କୋ ଷ୍ଟିଲ, ମଇଥାନ ଇସ୍ପାତ, ଯାଜଦାନି ଷ୍ଟିଲ, କେଜେ ଇସ୍ପାତ, ରୋହିତ ଫେରୋଟେକ, ମିଶ୍ରିଲାଲ ମାଇନ୍ସ ପ୍ରମୁଖ ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ବୈଠକରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରି ନ ଥିବାରୁ ସାଧାରଣ ଲୋକଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଟାଟା ଷ୍ଟିଲ ଓ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ କର୍ତ୍ତୃପକ୍ଷ ଡୁବୁରୀରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ୨ଟି ମେକାନିକାଲ ରୋଡ ସୁଇପିଂ ମେଶିନ ସ୍ଥାପନ କରିବାକୁ ଦେଇଥିବା ପ୍ରତିଶ୍ରୁତିକୁ ଭୁଲିଯିବା ଦୁର୍ଭାଗ୍ୟଜନକ ବୋଲି ମତପ୍ରକାଶ ପାଇଛି।

ଶିଳ୍ପାୟନ ପ୍ରକ୍ରିୟାରେ ସମ୍ପୃକ୍ତ ଅଞ୍ଚଳର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) କାମ କରୁଛି। ଉକ୍ତ ପ୍ରଦୂଷଣରୁ ମୁକ୍ତ ରଖିବାକୁ ପ୍ରତ୍ୟେକ ଶିଳ୍ପାଞ୍ଚଳର ଆଞ୍ଚଳିକ କାର୍ଯ୍ୟାଳୟରେ ସମ୍ପୃକ୍ତ ଡିଗ୍ରୀଧାରୀ ବୈଜ୍ଞାନିକମାନେ କାମ କରୁଛନ୍ତି। ସେମାନଙ୍କ କେବଳ ଦରମା ବାବଦକୁ ରାଜ୍ୟ ଓ କେନ୍ଦ୍ର ସରକାର ମାସିକ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ଏହିକ୍ରମରେ ତତ୍କାଳୀନ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ(ଆରଓ) ହାଡିବନ୍ଧୁ ପାଣିଗ୍ରାହୀ ବାୟୁ ଓ ଜଳ ପ୍ରଦୂଷଣ ପାଇଁ ଏକ ମହତ ପଦକ୍ଷେପ ଗ୍ରହଣ କରିଥିଲେ। କଳିଙ୍ଗନଗର ଶିଳ୍ପାଞ୍ଚଳର ଗଣ୍ଡାନାଳାକୁ ପ୍ରଦୂଷଣମୁକ୍ତ, ଏୟାର କ୍ୱାଲିଟି ମନିଟରିଂ ଡାଟାରୁ ମିଳିଥିବା ତଥ୍ୟ ଅନୁସାରେ ବାୟୁ ପ୍ରଦୂଷଣର ନିୟନ୍ତ୍ରଣ, ରାଜରାସ୍ତା କଡ ଏବଂ ଶିଳ୍ପାଞ୍ଚଳର ୩୩ ପ୍ରତିଶତ ଅଞ୍ଚଳରେ ବନୀକରଣ କରିବାକୁ ପରିବେଶ ପରିଚାଳନା ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାସହ ପ୍ରତ୍ୟେକ ଶିଳ୍ପସଂସ୍ଥା ବର୍ଷାପାଣି ଓ କାରଖାନାରୁ ବୋହୁଥିବା ବର୍ଜ୍ୟପାଣି ବୁନ୍ଦାଏ ବି ବାହାରକୁ ନ ଛାଡିବା ନିର୍ଦ୍ଦେଶକୁ କଡାକଡିଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଯାଜପୁର କ୍ଲଷ୍ଟର ଡେଭଲପମେଣ୍ଟ ବିଭାଗ ପକ୍ଷରୁ କମନ ଇନ୍‌ଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ସିଇଟିପି) ସ୍ଥାପନ କରିବା, ପାଣି ସିଞ୍ଚନ ସହ କାରଖାନାର ଆଭ୍ୟନ୍ତରୀଣ ରାସ୍ତା ଓ ରାଜରାସ୍ତାକୁ ସମ୍ପୂର୍ଣ୍ଣ ସଫା ରଖିବା, ପ୍ରତ୍ୟେକ ଶିଳ୍ପସଂସ୍ଥା ପାଇଁ ହୁଇଲ ୱାସିଂ ମେଶିନ ବାଧ୍ୟତାମୂଳକ କରିବା, ଢାଙ୍କୁଣୀ ଦେଇ ପରିବହନ ଇତ୍ୟାଦି ପାଳନ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏହିସବୁ ନିଷ୍ପତ୍ତିକୁ କୌଣସି ଶିଳ୍ପସଂସ୍ଥା ମାନୁନାହାନ୍ତି। ବିଆରପିଏଲର ଲୌହ ସ୍ଲରୀରେ ଆସୁଥିବା ଜଳ ସିଧାସଳଖ ବାହାରକୁ ଛଡା ଯାଉଛି। ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଭିସା ଷ୍ଟିଲ, ଟାଟା ଷ୍ଟିଲର ବର୍ଜ୍ୟଜଳ ଗଣ୍ଡନାଳାରେ ମିଶୁଛି। ଏଥିଯୋଗୁ ଗଣ୍ଡନାଳା ସମେତ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀଜଳରେ ଥିବା ଅନୁଜ୍ଞେୟ ସୀମିତ(ପରମିସିବୁଲ ଲିମିଟ) ୧୫ରୁ ଉର୍ଦ୍ଧ୍ୱ ଗୁଣ ଅଧିକ ଫେନୋଲିକ କମ୍ପାଉଣ୍ଡ, ସାୟାନାଇଡ, କ୍ରୋମିୟମ ଆଦି ବିଷାକ୍ତ ପଦାର୍ଥ ରହିଥିବା ରିପୋର୍ଟରେ ଦର୍ଶାଯାଇ ଆସୁଛି। କିନ୍ତୁ ନିଜ ଲାଭ ଜଗି ଶିଳ୍ପସଂସ୍ଥା କର୍ତ୍ତୃପକ୍ଷ ଲୋକଙ୍କ ଜୀବନ ସହ ଏଭଳି ଖେଳୁଛନ୍ତି। ଏସପିସିବି ଆରଓ ପାଣିଗ୍ରାହୀଙ୍କ ଉଦ୍ୟମ ଓ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଶିଳ୍ପସଂସ୍ଥାର ମାଲିକ, ପ୍ରତିନିଧି ଓ ପରିଚାଳନା ମୁଖ୍ୟ ବିଭିନ୍ନ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ସମ୍ମତି ପ୍ରଦାନ ପାଣିର ଗାର ହୋଇଛି। ପରବର୍ତ୍ତି ସମୟରେ ଆରଓ ପାଣିଗ୍ରାହୀଙ୍କ ଏଠାରୁ ବଦଳି ହେବା ପରେ ପରିବେଶ ପରିଳଚନାରେ ଭାଗ ନେଇଥିବା ଶିଳ୍ପସଂସ୍ଥା କର୍ତ୍ତୃପକ୍ଷଙ୍କ ପାଇଁ ପୁଷମାସ ହୋଇଛି। ଏ ସଂକ୍ରାନ୍ତରେ ବର୍ତ୍ତମାନର ଏସ୍‌ପିସିବି କଳିଙ୍ଗନଗର ଆରଓ ପ୍ରମୋଦ ବେହେରାଙ୍କୁ ପଚାରିବାରେ, କଳିଙ୍ଗନଗର ଶିଳ୍ପାଞ୍ଚଳର ପରିବେଶ ପରିଚାଳନା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ଚିନ୍ତା କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବାୟୁ ଓ ଜଳ ପ୍ରଦୂଷଣ ନିଶ୍ଚିତ ଭାବେ ନିୟନ୍ତ୍ରଣରେ ରହିବ ବୋଲି କହିଛନ୍ତି।

### ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

ଯାଜପୁର ଟାଉନ, ୧୭।୨(ଡିଏନଏ)

ଯାଜପୁର ରାମକୃଷ୍ଣ ବିବେକାନନ୍ଦ ସଂଘ ଆନୁକୂଲ୍ୟରେ ରବିବାର ସଂସ୍କୃତି ଭବନଠାରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାପକ ଜ୍ଞାନଚାନ୍ଦ ଦାସଙ୍କ ସଞ୍ଚାଳନରେ ସଂଘ ସମ୍ପାଦକ ଯଯାତିକେଶରୀ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ରାମକୃଷ୍ଣ ମଠ ମିଶନର ବରିଷ୍ଠ ସନ୍ୟାସୀ ସ୍ୱାମୀ ଅଭୟାନନ୍ଦ ଜୀ ମହାରାଜ ମୁଖ୍ୟଅତିଥିଭାବେ ଯୋଗଦେଇ ସମଗ୍ର ବିଶ୍ୱ ସମୁଦାୟ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଦିଗ୍‌ଦର୍ଶନ ହିଁ ଏକମାତ୍ର ଦିଗ ବୋଲି କହିବା ସହ ଛାତ୍ରୀଛାତ୍ରମାନେ ଚରିତ୍ରବାନ ହେବା ସହିତ ଦେଶବତ୍ସଳ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବରିଷ୍ଠ ସନ୍ଥ ସ୍ୱାମୀ ଆରାୟନନ୍ଦ ମହାରାଜ ଜୀ ମୁଖ୍ୟବକ୍ତାଭାବେ ଯୋଗଦେଇ ରାମକୃଷ୍ଣ ପରମହଂସ, ମା ସାରଦା ଦେବୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଅଭୟବାଣୀ, ସେବା ଓ ତ୍ୟାଗ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସଂଘର ବରିଷ୍ଠ ସଭ୍ୟ ଜୟନ୍ତ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ। ଏହି ଜୟନ୍ତୀ ଅବସରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦଳଗତ ଅଲୋଚନା ଓ ବାଗ୍ମିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ପ୍ରମୋଦ ମହାନ୍ତି, କିଶୋର ନାୟକ, ସ୍ନେହାସିଷ ବସୁ, ଶ୍ରୀମାନ୍ତ ସର୍ଖେଲ, ପ୍ରବୀର ରାୟ, ଶରତ ଚନ୍ଦ୍ର ଜେନା, ସୁବାସ ଜେନା, ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗ ଦେଇଥିଲେ।

## ଆରଟିଏ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ: ଡିଡିଏଲ୍ ଚାମ୍ପିୟନ

ବାଲିଚନ୍ଦ୍ରପୁର, ୧୭।୨(ସ୍ୱ.ପ୍ର)



ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବଡ଼ଚଣା ବ୍ଲକ ଭରତପୁର ପଞ୍ଚାୟତସ୍ଥିତ ମହାକାଳପଡ଼ା ଗ୍ରାମରେ ନେତାଜୀ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆର.ଟି.ଏ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୧୬ଟି ଦଳକୁ ନେଇ ୩ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଡିଡିଏଲ୍ କ୍ରିକେଟ୍ କ୍ଲବ ସାଲେପୁର ଓ ବରଅଠା କ୍ରିକେଟ୍ କ୍ଲବ ମାହାଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଡିଡିଏଲ୍ କ୍ରିକେଟ୍ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରିଥିଲା। ଏହାକୁ ପିଛା କରି ବରଅଠା କ୍ରିକେଟ୍ ଟିମ୍ ତାର ସମସ୍ତ ଉଇକେଟ୍ ହରାଇ ମାତ୍ର ୭୯ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ପିତବାସ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ସାମାଜିକ କର୍ମୀ ପ୍ରାଣକୃଷ୍ଣ ଦାସ, ଖବରଦାତା ଉତ୍କଳ କେଶରୀ ସାମଲ, କବି ସତ୍ୟବ୍ରତ ପୁହାଣ ଓ ନିଳାଦ୍ରୀ ସାମଲ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା, ରନର୍ସ ଅପ୍ ଦଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଡିଡିଏଲ୍ ଦଳର ଅଂଶୁମାନ ସ୍ୱାଇଁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲାବେଳେ ଏହି ଦଳର ଉତ୍କଳ ରାଉତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅମ୍ପାୟାର ଭାବେ ମହେଶ୍ୱର ଜେନା, ମନୋଜ ଜେନା ଦାୟିତ୍ୱ ତୁଲାଇଥିଲେ। ଶରତ ଜେନା ଧନ୍ୟବାଦ ଦେଇଥିଲେ।

## ରାମକୋ କପ୍ କ୍ରିକେଟ ଟୁର୍ନାମେଣ୍ଟ: ଆରୁହା, ବାଟୀଜଙ୍ଗା ବିଜୟୀ

ଧର୍ମଶାଳା, ୧୭।୨(ଡିଏନ୍ଏ)

ଧର୍ମଶାଳା ବ୍ଲକ ହରିଦାସପୁର-ଥାନୁଆଳ ପଞ୍ଚାୟତସ୍ଥିତ ରାମକୋ ସିମେଣ୍ଟ କମ୍ପାନୀ ପକ୍ଷରୁ ବାଟିଜଙ୍ଗା ଖେଳପଡ଼ିଆରେ ସୋମବାର ରାମକୋ କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ୨ଟି ମ୍ୟାଚରେ ଆରୁହା ଓ ବାଟୀଜଙ୍ଗା ଦଳ ବିଜୟୀ ହୋଇଛନ୍ତି। ଆରୁହା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲା। ଜବାବରେ ନାନପୁର ଦଳ ବ୍ୟାଟିଂ କରି ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୨ ରନ କରି ପରାସ୍ତ ହୋଇଥିଲା। ୨ୟ ମ୍ୟାଚରେ ହରିଦାସପୁର ପ୍ରଥମେ ବ୍ୟାଟିଂ କରି ୧୧ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରିଥିଲା। ଜବାବରେ ବାଟୀଜଙ୍ଗା ଟିମ ୬.୩ ଓଭରରେ ୩ ଉଇକେଟ ହରାଇ ୬୧ ରନ କରି ବିଜୟ ଲାଭ କରିଥିଲା। ଖେଳକୁ ନାରାୟଣ ପାଲ ଓ ଉତ୍ତମ ସାମଲ ପରିଚାଳନା କରିଥିଲେ। ସମ୍ବିତ ଦଳାଇ ଓ ସୌମ୍ୟକାନ୍ତ ନାୟକ ସ୍କୋରରେ ସହାୟତା କରିଥିଲେ। ମଙ୍ଗଳବାର ହରିଦାସପୁର ସହିତ ଥାନୁଆଳ ପ୍ରଥମ ସେମିଫାଇନାଲ ଓ ବାଟିଜଙ୍ଗା ସହିତ ଆରୁହା ମଧ୍ୟରେ ୨ୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରାମକୋ ଏଜିଏମ୍ ସୁଧାଂଶୁ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

## ଅଂଶଗ୍ରହଣ କଲେ ୭ ବିଦ୍ୟାଳୟର ୫୮ ପ୍ରତିଯୋଗୀ

### ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରତିଭା ଅନ୍ୱେଷଣ



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।।

ରସୁଲପୁର, ୧୭।୨(ଡିଏନଏ)

ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତର ବ୍ରାହ୍ମଣବାଡସ୍ଥିତ ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟ ଆନୁକୂଳରେ ଏକ ଅନ୍ତବିଦ୍ୟାଳୟର ବିଦ୍ୟାର୍ଥୀଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏହି ବ୍ଲକ ଅଧୀନ ୭ଟି ବିଦ୍ୟାଳୟରୁ ୫୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କୁ ୨ଟି ବର୍ଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପଞ୍ଚାୟତ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଗମାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରସୁଲପୁର ବିଡିଓ ଉମାକାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ସିଂହାପୁର ସରପଞ୍ଚ ଆରତୀ ପଣ୍ଡି, ଯୁବନେତା ଅନନ୍ତ କିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଗୁରୁକୁଳ ନୋଡାଲ ଉଚ୍ଚ ବିଦ୍ୟାଳୟ, ବ୍ରାହ୍ମଣବାଡ ପ୍ରାଥମିକ ବିଦ୍ୟାଳୟ, ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ, ଝଟିଆ ନୋଡାଲ ଉ.ପ୍ରା. ବିଦ୍ୟାଳୟ, ହରିଡାପାଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ତର୍କ, ସାଧାରଣ ଜ୍ଞାନ, ନୃତ୍ୟ, ସଂଗୀତ ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ବୃନ୍ଦାବନ ଦାସ ଧନ୍ୟବାଦ ଦେଇଥିଲେ।

## ବୀଣାପାଣି ହାଇସ୍କୁଲ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ଦାବି

କଳିଙ୍ଗନଗର, ୧୭।୨(ଡି.ଏନ.ଏ)

ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହେବ। ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କିପରି ସ୍ୱଚ୍ଛ ଓ ସୁଚାରୁ ରୂପେ ହୋଇପାରିବ ସେଥିପାଇଁ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମସ୍ତ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ସରକାର ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯାଜପୁର ଜିଲା ଦାନଗଦି ଶିକ୍ଷାମଣ୍ଡଳୀ ଅର୍ନ୍ତଗତ ନଛିପୁରା ପଞ୍ଚାୟତର ବୀଣାପାଣି ହାଇସ୍କୁଲକୁ ମାଟ୍ରିକ ପରୀକ୍ଷା କେନ୍ଦ୍ରଭାବେ ସ୍ଥିର କରାଯାଇଛି। ଏହି କେନ୍ଦ୍ରରେ ଉଚ୍ଚବାଲି ପଞ୍ଚାୟତ ହାଇସ୍କୁଲ, ଝାଡେଶ୍ୱର ହାଇସ୍କୁଲ ଓ ଉଚ୍ଚବାଲି ହାଇସ୍କୁଲର ୨୫୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଭୌଗଳିକ ଦୃଷ୍ଟିକୋଣରୁ ଏହି ବିଦ୍ୟାଳୟଟି ଯାଜପୁର ଜିଲା ଏବଂ କେନ୍ଦୁଝର ଜିଲା ସୀମାନ୍ତରେ ହୋଇଥିବା କାରଣରୁ ଏହି ପରୀକ୍ଷା କେନ୍ଦ୍ରକୁ କୌଣସି ନିରୀକ୍ଷକ ଦଳ ପରିଦର୍ଶନ କରିବାକୁ ଯାଆନ୍ତି ନାହିଁ। ଫଳରେ ଏହି କେନ୍ଦ୍ରରେ ଛାତ୍ରୀଛାତ୍ରଙ୍କଠାରୁ ବେଆଇନଭାବେ ଅର୍ଥ ଆଦାୟ କରାଯାଇ ସେମାନଙ୍କୁ କପି କରିବା ପାଇଁ ସହାୟତା ପ୍ରଦାନ କରାଯାଉଥିବା ଆଲୋଚନା ହେଉଥିବାବେଳେ କିଛି ମେଧାବୀ ଛାତ୍ରୀଛାତ୍ର ନିଜ ନାମ ଗୁପ୍ତ ରଖି ଏପରି ଅଭିଯୋଗ ଆଣିଛନ୍ତି। ତେଣୁ ଏହି ପରୀକ୍ଷା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଇବା ସହିତ ପ୍ରତ୍ୟେକ ଦିନ ନିରୀକ୍ଷକ ଦଳ ପରିଦର୍ଶନ କରିବା ପାଇଁ କିଛି ଅଭିଭାବକ ଦାବି କରିଛନ୍ତି।

## 'ପିଲାଙ୍କୁ ଗଢ଼ିବା ଉଭୟ ଶିକ୍ଷକ, ଅଭିଭାବକଙ୍କ ଦାୟିତ୍ୱ'

ଜେନାପୁର, ୧୭।୨(ଡିଏନ୍ଏ)




ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ଧର୍ମଶାଳା ବ୍ଲକ ଜେନାପୁର ଥାନା ଚାରଗୋଠ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ମୁଖ୍ୟଅତିଥିଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଗଢ଼ିବା ଦାୟିତ୍ୱ ଉଭୟ ଶିକ୍ଷକ ଓ ଅଭିଭାବକଙ୍କର। ସେମାନେ ଯେଉଁଭଳି ଭାବେ ଛାତ୍ରୀଛାତ୍ରଙ୍କୁ ଗଢି ତୋଳିବେ ସେହିଭଳି ଛାତ୍ରୀଛାତ୍ର ଗଢି ହୋଇପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରେମାନନ୍ଦ ଓଝା ଓ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ଅଧ୍ୟାପକ ଦିଲୀପ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ, ହାସ୍ୟ ଅଭିନେତା କୁଳାଙ୍ଗାର, ସିଆରସିସି ଗଣେଶ୍ୱର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, କାଳିଆହୁଡା ସ୍କୁଲର ପ୍ରଧାନ ଶିକ୍ଷକ ମଦନମୋହନ ରାଉତ ଓ ସତ୍ୟାନନ୍ଦ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍କୁଲର ସ୍ମରଣିକା 'ପାଦୁକା' ଉନ୍ମୋଚନ କରିଥିଲେ। ସାମାଜିକ କର୍ମୀ ଅନିଲ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଜେନାପୁର ଥାନାଧିକାରୀ ଓ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଗିରିଧାରୀ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତ୍ତିକ ମଲିକ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିବା ସହ ଅତିଥିଙ୍କ ଦ୍ୱାରା ଗଜାନନଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା। ଶିକ୍ଷକ ବୃନ୍ଦାବନ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଧର୍ମଶାଳା, ୧୭।୨(ଡିଏନ୍ଏ)

ଧର୍ମଶାଳା ବ୍ଲକ ଚହଟା ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ୩ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ୪୦ତମ ନାମଯଜ୍ଞରେ ଚୋରମୁହାଁ, ଚହଟା, ଭୂବନ, ନୂଆହାଟ, କୁମାରୀ, ଗୋପାଳପୁର, ବରହମପୁର, ତରଞ୍ଜିଆ, ଖଟୁଆପଡା, ବାଲିଗରି ଆଦି ଅନେକ ସ୍ଥାନରୁ କୀର୍ତ୍ତନ ମଣ୍ଡଳୀ ଯୋଗଦାନ କରି ନାମ ସଂକୀର୍ତ୍ତନରେ ଭାଗ ନେଇଥିଲେ। ଏଥିସହିତ ନଗର କୀର୍ତ୍ତନରେ ବରହମପୁର ଓ ପାଟପୁର ଚକ୍ରୋଡାଙ୍କ ସଂକୀର୍ତ୍ତନ ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ ଉଭୟ ଦଳଙ୍କ ସହିତ ବୃନ୍ଦାବନ ବିହାରୀ କୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ସମ୍ମିଳିତଭାବେ ନଗର କୀର୍ତ୍ତନକୁ ରସାମୃତ କରି ସମସ୍ତଙ୍କୁ ଭାବ ବିହ୍ୱଳିତ କରିଥିଲେ। ଏହି ନଗର କୀର୍ତ୍ତନ ଉଭୟ ଚହଟା ଗ୍ରାମ ଓ ଧର୍ମଶାଳା ବଜାର ପରିକ୍ରମା କରି ପରିଶେଷରେ ମଣ୍ଡଳୀରେ ପହଞ୍ଚି ଦଧିଭାଣ୍ଡ ଭଜନ କରି ନାମଯଜ୍ଞ ସମାପନ କରିଥିଲେ। ଏଥିରେ ଚହଟା ଗ୍ରାମର ସମସ୍ତ ମୁରବୀ, ସ୍ଥାନୀୟ ବ୍ୟକ୍ତି, ଯୁବକ ଓ ମହିଳାମାନେ ସାମିଲ ହୋଇଥିଲେ।

## ୨ ଆଦିବାସୀ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରୁ ବଞ୍ଚିତ

ଡୁବୁରୀ, ୧୭।୨(ଡିଏନଏ)



ଅଭିଭାବକ ଓ ଛାତ୍ରୀଛାତ୍ର ସ୍କୁଲରେ ତାଲା ପକାଇ ଦେଇଛନ୍ତି।

### ସ୍କୁଲରେ ପକାଇଲେ ତାଲା

ସୁକିନ୍ଦା ବ୍ଲକ ବାରଗାଡିଆ ହିଙ୍ଗୁଳା ନୋଡାଲ ହାଇସ୍କୁଲର ୨ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସୋମବାର ସ୍କୁଲ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଦୁଇଜଣ ଆଦିବାସୀ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରି ସମ୍ପୃକ୍ତ ଛାତ୍ରୀଛାତ୍ର ଓ ଅଭିଭବକ ସ୍କୁଲରେ ତାଲା ପକାଇ ଦେବା ସହିତ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

ଚଳିତ ବର୍ଷ ହିଙ୍ଗୁଳା ନୋଡାଲ ହାଇସ୍କୁଲରେ ମୋଟ ୩୯ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ହେଲେ ସେମାନଙ୍କ ମଧ୍ୟରୁ ୩୭ ଜଣଙ୍କର ଆଡମିଟ କାର୍ଡ ବୋର୍ଡ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ଛାତ୍ରୀ ଜ୍ୟୋତିରାଣୀ ନାୟକ ଓ ଶିବୁ ନାୟକଙ୍କ ଆଡମିଟ କାର୍ଡ କାହିଁକି ଆସିନାହିଁ ବୋଲି ସେମାନଙ୍କ ଅଭିଭାବକମାନେ ଜାଣିବାକୁ ଚାହିଁଥିଲେ। ହେଲେ ସ୍କୁଲ କର୍ତ୍ତୃପକ୍ଷ ଏଥିରେ କୌଣସି ତ୍ରୁଟିଥିବା କହି ଗତ ୧୫ ତାରିଖରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଜାତିଗତ, ବାସସ୍ଥାନ ପ୍ରମାଣପତ୍ର ସହ ୫ଶହ ଟଙ୍କା ଲେଖାଏଁ ନେଇ ପୁନଃ ଫର୍ମ ପୂରଣ କରାଇଥିଲେ ବୋଲି ଉଭୟ ଛାତ୍ରୀଛାତ୍ରଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ସୋମବାର ପିଲା ଦ୍ୱୟ ସ୍କୁଲକୁ ଆଡମିଟ କାର୍ଡ ନେବାକୁ ଆସିଥିବାବେଳେ ଚଳିତବର୍ଷ ସେମାନେ ମାଟ୍ରିକ ପରିକ୍ଷା ଦେଇପାରିବେ ନାହିଁ ବୋଲି କହି ସେମାନଙ୍କୁ ଫେରାଇ ଦିଆଯାଇଥିଲା। ପରେ ଦୁଇ ପିଲା ସେମାନଙ୍କ ଅଭିଭାବକଙ୍କ ସହ ସ୍କୁଲକୁ ଆସି ଏହି ଘଟଣାର ପ୍ରତିବାଦ କରିବା ସହ ହୋ ହାଲ୍ଲା କରି ସ୍କୁଲରେ ତାଲା ପକାଇ ଦେଇଥିଲେ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଗୌରାଙ୍ଗ ମହାନ୍ତଙ୍କୁ ପଚାରିବାରୁ, ସମ୍ପୃକ୍ତ ଛାତ୍ରୀଛାତ୍ର ସ୍କୁଲ ଟେଷ୍ଟ ପରୀକ୍ଷାରେ ବହୁତ କମ୍ ନମ୍ବର ରଖିଥିବାରୁ ସେମାନଙ୍କ ଫର୍ମ ପୂରଣ କରାଯାଇ ନ ଥିଲା ବୋଲି କହିଛନ୍ତି। ଏନେଇ ସୁକିନ୍ଦା ବିଇଓଙ୍କୁ ପଚାରିବାରୁ, ଏହା ହାଇସ୍କୁଲ ହୋଇଥିବାରୁ ତାହା ଉପରେ ତାଙ୍କର କୌଣସି କର୍ତ୍ତୃତ୍ୱ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ଜିଲା ଶିକ୍ଷାଧିକାରୀ କେ.ସି. ନାୟକ କେଉଁ ପରିସ୍ଥିତିରେ ଓ କାହିଁକି ଛାତ୍ରୀଛାତ୍ର ଦ୍ୱୟଙ୍କର ଏପରି ହୋଇଛି ସେ ନେଇ ଅନୁଧ୍ୟାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଫେବୃୟାରୀ, ୨୦୨୦



## ସଂକ୍ଷେପରେ

### ଖରମଙ୍ଗାରୁ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି

**ବିରିଡି,୧୭।୨(ଡି.ଏନ.ଏ): ** ବିରିଡ଼ି ବିଦ୍ୟୁତ୍ ସେକ୍ସନ ଅଧିନ ୨୨ ମୌଜା ରଘୁନାଥପୁର ଓ ଜୟଶୋଳ ହିରରାମପାଟଣାରୁ ଶୁକ୍ରବାର ରାତିରେ ପୃଥକ ଭାବେ ଦୁଇଟି ୧୬ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ହେଇଥିବାବେଳେ ରବିବାର ରାତିରେ ପୁର୍ନବାର ୨୨ ମୌଜା ଖରମଙ୍ଗାଠାରେ ଥିବା ଆଉ ଏକ ୧୬ କେଭି ଟ୍ରନ୍ସଫର୍ବରକୁ କେହି ଦୁର୍ବୃତ୍ତ ଚୋରି କରିନଇଛନ୍ତି। ଫଳରେ ଉକ୍ତ ସାହିର ବିଦୁ୍ୟତ୍ ଗ୍ରାହକମାନେ ଅନ୍ଧାରରେ ଅଛନ୍ତି। ଏ ସମ୍ବନ୍ଧରେ ବିରିଡ଼ି ସେସୁର କନିଷ୍ଠ ପରିଚାଳକ ବନୋଜ ନାୟକ ସୋମବାର ବିରିଡ଼ି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲଗାତର ବିଦ୍ୟୁତ୍ ଟ୍ରନ୍ସଫର୍ମର ଚୋରି ବିରିଡ଼ି ଥାନା ପୋଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ପୋଲିସ ପାଟ୍ରୋଲିଂ କଡାକଡି ନ ହେବାରୁ ଚୋରଙ୍କ ର୍ୟାକେଟ ସକ୍ରିୟ ହୋଇଛି। ତୁରନ୍ତ ସେମାନଙ୍କୁ ଧରିବାକୁ ସାଧାରଣରେ ଦାବି ହେଉଛି।

### ସତ୍‌ସଙ୍ଗ ବିହାର ପ୍ରତିଷ୍ଠା ଉତ୍ସବ

**ଏରସମା,୧୭।୨(ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ସତ୍‌ସଙ୍ଗ ବିହାର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଋତ୍ୱିକ୍ ନିରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସନ୍ନ୍ୟାସୀ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିବ୍ୟ ଜୀବନବାଣୀ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଉପଲକ୍ଷେ ପ୍ରଭାତରୁ ଉଷା କୀର୍ତ୍ତନ କରାଯିବା ପରେ ସୁସଜ୍ଜିତ ରଥରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋ ରଖାଯାଇ ନଗରକୀର୍ତ୍ତନ ମାଧମରେ ବଜାର ପରିକ୍ରମା କରାଯାଇଥିଲା। ଋତ୍ୱିକ ନିତ୍ୟାନନ୍ଦ ସ୍ୱାଇଁ, ଇଂ. ସ୍ମୃତିରଞ୍ଜନ ବେଉରା, ନିଖିଳେଶ୍ୱର ଗିରି, ଅମଳେନ୍ଦୁ ମାଇତି ଅନ୍ୟତମ ବକ୍ତା ଭାବେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ମହେଶ୍ୱର ସ୍ୱାଇଁ, ସୌଭାଗ୍ୟ ସ୍ୱାଇଁ, ଅମ୍ବିକା ପ୍ରସାଦ ମହାନ୍ତି, ରମାକାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ନୂଆଦାରେ ପ୍ରାଣୀ ଚିକିତ୍ସା ଶିବିର

**ରଘୁନାଥପୁର, ୧୭।୨ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ତରିକୁନ୍ଦ ପଞ୍ଚାୟତ ନୂଆଦାରେ ଇଫ୍‌କୋ ଓ ଆଇଏଫଏଫଡିସି (ଇଣ୍ଡିଆନ ଫାର୍ମ ପରେଷ୍ଟ୍ରି ଡେଭଲପମେଣ୍ଟ କୋଅପରେଟିଭ) ପକ୍ଷରୁ ଏକ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରାଧିକାରୀ ଅଜୟ ବଳବନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ବ୍ଲକ ଭେଟନାରୀ ଅଫିସର(ବିଭିଓ) ଗଗନ ଚନ୍ଦ୍ର ନାୟକ, ଏଲଆଇ ସୁକାନ୍ତ କୁମାର ମଲ୍ଲିକ, ଦେଶପ୍ରିୟ ମହାନ୍ତି, ଅକ୍ଷୟ ବେହେରା ଓ କବିତା ମହାନ୍ତି ଉପସ୍ଥିତ ରହି ୧୯୨ ଗାଈ, ଛେଳି ଓ ମେଣ୍ଢାଙ୍କୁ ଚିକିତ୍ସା କରିଥିଲେ। ଏହି ଅବସରରେ ଉପସ୍ଥିତ ବ୍ୟକ୍ତିଙ୍କୁ ପ୍ରାଣୀଙ୍କୁ ସଂକ୍ରମଣ ଜନିତ ରୋଗ ଓ ଟିକାକରଣ ସମ୍ପର୍କରେ ସଚେତନତା କରାଯାଇଥିଲା। ଖରାଦିନ ଆସୁଥିବାରୁ ପ୍ରାଣୀଙ୍କୁ ଅଧିକ ପରିମାଣରେ ପାଣି ପିଇବାକୁ ଦେବାକୁ ବିଭିଓ ନାୟକ ପରାମର୍ଶ ଦେଇଥିଲେ।

# ଆଡମିଟ୍ କାର୍ଡ ନ ପାଇ ଛାତ୍ରୀ ନିରାଶ

**ରାତି ପାହିଲେ ମାଟ୍ରିକ ପରୀକ୍ଷା**
- ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ ଛାତ୍ରୀ
- ବଞ୍ଚିତ ଛାତ୍ରଙ୍କୁ ମିଳିଲା ଆଡମିଟ୍ କାର୍ଡ

**ଜଗତ୍‌ସିଂହପୁର ଅଫିସ୍, ୧୭।୨**

ରାତି ପାହିଲେ ମାଟ୍ରିକ ପରୀକ୍ଷା। କିନ୍ତୁ ଜଗତ୍‌ସିଂହପୁର ଜିଲାର ଜଣେ ଛାତ୍ରୀ ଓ ଜଣେ ଛାତ୍ର ଏହି ପରୀକ୍ଷା ଦେବାର ବଞ୍ଚିତ ହେବା ସମ୍ଭାବନା ସୃଷ୍ଟି ହୋଇଥିଲା। ସୌଭାଗ୍ୟ ଛାତ୍ରଙ୍କୁ ଆଡମିଟ୍ କାର୍ଡ ମିଳିଯାଇଥିବା ବେଳେ ଛାତ୍ରୀ ନିରାଶ ହୋଇଛନ୍ତି। ପରୀକ୍ଷା ଦେଇ ନ ପାରିବା ଜାଣି ଛାତ୍ରୀ ମାନସିକ ଭାରସାମ୍ୟ ହରାଇ ସୋମବାର ସକାଳେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହେଲେ ସେ ସମ୍ଭାବ୍ୟ ପରିସ୍ଥିତିରୁ ମୁକୁଳି ଯାଇଛନ୍ତି। ଏହି ଘଟଣା ସାରା ଜିଲାରେ ଆଲୋଚନାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଏରସମା ବ୍ଲକ ଅନ୍ତର୍ଗତ ବିଶନପୁରସ୍ଥିତ ବ୍ରଜକିଶୋର ସାତମୌଜୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ବିଶ୍ୱଜିତ ଦାସ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାଯାଇଥିଲା। ସେ ଫର୍ମ ପୂରଣ କରିଥିଲେ ସୁଦ୍ଧା ସମାନ ନାମଧାରୀ ଅନ୍ୟ ଜଣେ ବିଶ୍ୱଜିତଙ୍କ ନାମରେ ଆଡମିଟ୍ କାର୍ଡ ପ୍ରସ୍ତୁତ ହୋଇ ଯାଇଥିବାରୁ ଅଡୁଆ ବଢିଥିଲା। ଏ ପରିସ୍ଥିତିରେ ପ୍ରକୃତ ପରୀକ୍ଷା ଦେବାକୁ ଥିବା ଅଭିରାମ ଦାସ ଓ ସୁମିତ୍ରା ଦାସଙ୍କ ପୁଅ ବିଶ୍ୱଜିତ ଚିନ୍ତାରେ ପଡି ଯାଇଥିଲେ। ତେବେ ଅନୁଧ୍ୟାନରୁ ଜଣାଯାଇଥିଲା ଯେ ପୁରସ୍ତମ ଦାସ ଓ ମମତା ଦାସଙ୍କ ପୁଅ ବିଶ୍ୱଜିତ ଏହି ବିଦ୍ୟାଳୟରେ ୯ମ ଯାଏ ପଢି ପାଠରେ ଡୋରି ଲଗାଇ ଦେଇଛନ୍ତି। ସେ ଏବେ ଚେନ୍ନାଇରେ ରହୁଛନ୍ତି। କିନ୍ତୁ ତାଙ୍କ ନାମରେ ଆଡମିଟ୍ କାର୍ଡ ପ୍ରସ୍ତୁତ ହୋଇଛି। ଏ ସମ୍ପର୍କରେ ଅଭିରାମ ଅଭିଯୋଗ କଲାପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ଅଭିରାମ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ପରାମର୍ଶ ଲୋଡିଥିଲେ। ବୋର୍ଡ ଯାଇ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟରେ ଅଭିଯୋଗ କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ଡିଇଓ ପରାମର୍ଶ ଦେଇଥିଲେ। ଏହି ଅନୁଯାୟୀ ଅଭିରାମ ଓ ପ୍ରଧାନଶିକ୍ଷକ ସୋମବାର ବୋର୍ଡ ପରୀକ୍ଷା ନିୟନ୍ତ୍ରକଙ୍କୁ ସାକ୍ଷାତ କରି ସବୁକଥା କହିଲା ପରେ ସମସ୍ୟାର ସମାଧାନ ହୋଇପାରିଛି। ଭୁଲରେ ଛପା ଯାଇଥିବା ଆଡମିଟ୍ କାର୍ଡକୁ ରଦ୍ଦ କରାଯିବା ସହ ପ୍ରକୃତ ପାଇବାକୁ ଥିବା ବିଶ୍ୱଜିତଙ୍କୁ ନୂଆ ଆଡମିଟ୍ କାର୍ଡ ଦିଆଯାଇଛି। ଏଣିକି ସେ ଆସନ୍ତା ୧୯ରୁ ଆରମ୍ଭ ହେଉଥିବା ମାଟ୍ରିକ ପରୀକ୍ଷା ଦେଇପାରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ ସୂଚନା ଦେଇଛନ୍ତି। କିନ୍ତୁ ବାଲିକୁଦା ବ୍ଲକ ଅନ୍ତର୍ଗତ ଓଟିନ୍ଦା ହାଇସ୍କୁଲର ଜଣେ ୧୦ମ ଶ୍ରେଣୀ ଛାତ୍ରୀ ଫର୍ମ ପୂରଣ କରିଥିଲେ ସୁଦ୍ଧା ପରୀକ୍ଷା ଦେବାରୁ ବଞ୍ଚିତ ହେବା ସମ୍ଭାବନା ରହିଛି। ଏକଥା ଜାଣିବା ପରେ ସମ୍ପୃକ୍ତ ଛାତ୍ରୀ ସୋମବାର ସକାଳେ ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଛନ୍ତି। ଏହାପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମହାନ୍ତି ସମ୍ପୃକ୍ତ ଛାତ୍ରୀଙ୍କ ଅଭିଭାବକଙ୍କୁ ବୁଝାଶୁଝା କରି ପ୍ରସଙ୍ଗ ପ୍ରଘଟ ନ କରିବା ପାଇଁ ଚାପ ପକାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ମହାନ୍ତିଙ୍କୁ ପଚାରିବାରୁ ସେ ଛାତ୍ରୀଙ୍କ ନାମ ପ୍ରକାଶ ନ କରି କହିଥିଲେ, ଛାତ୍ରୀଙ୍କ ଉପସ୍ଥାନ ହାର ମାତ୍ର ୫୨% ଥିଲା, ଯେଉଁ କାରଣରୁ ସେ ମାଟ୍ରିକ ପରୀକ୍ଷା ଦେବାପାଇଁ ଯୋଗ୍ୟ ହେଲେନାହିଁ। ହେଲେ କମ ଉପସ୍ଥାନ ହାର ଯୋଗୁ ଯଦି ସେ ପରୀକ୍ଷାରୁ ବଞ୍ଚିତ ହେବା କଥା, ତେବେ ତାଙ୍କ ଫର୍ମ ପୂରଣ କିପରି ହୋଇଥିଲା ବୋଲି ପ୍ରଶ୍ନର କୌଣସି ଉତ୍ତର ଦେଇପାରି ନ ଥିଲେ। ଏପରି କି ଅଧିକ ଉତ୍ତର ଦେବା ପୂର୍ବରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇ ଯାଇଥିଲା। ସଙ୍ଗେସଙ୍ଗେ ଆମେ ଜିଲା ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରି ଏହା ଉପରେ ଉତ୍ତର ଚାହିଁଥିଲୁ। ସେ ମଧ୍ୟ ପ୍ରଧାନଶିକ୍ଷକଙ୍କ ମୋବାଇଲ ବନ୍ଦ ଥିବା ସମ୍ପର୍କରେ ଅନୁରୂପ ଉତ୍ତର ଦେଇଥିଲେ। ତେବେ ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ତଦନ୍ତ ହେବ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ତ୍ରୁଟି କରିଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

## ମହାନଦୀ ପୋଲ ତଳୁ ହରିଣ ଉଦ୍ଧାର

**ପାରାଦୀପ,୧୭।୨(ସ୍ୱ.ପ୍ର.)**


ଉଦ୍ଧାର ହରିଣ।

ଚଣ୍ଡୀଖୋଲ-ପାରାଦୀପ ୫ନଂ(କ) ଜାତୀୟ ରାଜପଥର ଭୂତମୁଣ୍ଡାଇ ପୋଲ ତଳ ମହାନଦୀ ପଠାରୁ ଏକ ହରିଣକୁ ରବିବାର ସନ୍ଧ୍ୟାରେ ଲକ୍ ଥାନା ପୋଲିସ୍ ଉଦ୍ଧାର କରିଛି। ଉକ୍ତ ହରିଣକୁ ପରେ କୁଜଙ୍ଗ ବନବିଭାଗକୁ ହସ୍ତାନ୍ତର କରାଯାଇଛି। ଜୀବନ୍ତ ହରିଣକୁ କେତେକ ଲୋକେ ଗାଡ଼ିରେ ନେଉଥିବାବେଳେ କେହି ଜଣେ ଦେଖି ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ୍ ସେହି ସ୍ଥାନରେ ପହଞ୍ଚିବାବେଳକୁ ହରିଣ ପୋଲତଳେ ପଡ଼ିଥିବା ଥାନାଧିକାରୀ ପ୍ରଭାସ ରଞ୍ଜନ ସାହୁ କହିଛନ୍ତି। ଭୂତମୁଣ୍ଡାଇ ମହାନଦୀ ପଠା ଭଳି କୋଳାହଳପୂର୍ଣ୍ଣ ଅଞ୍ଚଳକୁ ହରିଣ ଆସିବା ଘଟଣା କୌତୂହଳ ସୃଷ୍ଟି କରିଛି। ଏହା ପଛରେ ଚୋରାକାରବାର ବୋଲି କୁହାଯାଉଛି।

## କୁଡ଼ିଆରେ ଦିନ କାଟୁଛନ୍ତି ଦଳିତ ଦମ୍ପତି

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା**

**କୁଜଙ୍ଗ, ୧୭।୨ (ଡି.ଏନ୍.ଏ.)**

ସମସ୍ତ କଚ୍ଚା ଘର ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇ ଦେବା ନିମନ୍ତେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଦି ଯୋଜନା ପ୍ରଣୟନ କରିଛନ୍ତି। ହେଲେ କେତେକ ସ୍ଥାନରେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇପାରୁ ନ ଥିବା ଦେଖାଯାଉଛି। ଏରସମା ବ୍ଲକ ଅଧୀନ ଚଟୁଆ ପଞ୍ଚାୟତରେ ଏଭଳି ଏକ ଘଟଣା ନଜରକୁ ଆସିଛି। ଉକ୍ତ ପଞ୍ଚାୟତ ଅଧୀନ ମାଣପୁର ଗ୍ରାମର ୮୫ବର୍ଷୀୟ ଦଳିତ ବୃଦ୍ଧ ଝରି ଭୋଇଙ୍କୁ ଆବାସ ଯୋଜନାରେ ଘର ଖଣ୍ଡେ ମିଳିନି। ଏ ସମ୍ପର୍କରେ ଝରି କୁହନ୍ତି, ଘରଟିଏ ପାଇଁ ବହୁଦିନ ତଳେ ଜିଲାପାଳଙ୍କୁ ଦରଖାସ୍ତ ଦେଇଥିଲି। କିନ୍ତୁ କିଛି ଲାଭ ହେଲାନି। ଏବେ ଆଉ ଏ ଅଫିସ୍‌ରୁ ସେ ଅଫିସ୍ ଦୌଡ଼ିବାକୁ ବୟସ ନାହିଁ। ସେ ଆହୁରି କହିଛନ୍ତି, ତାଙ୍କର ୫ ଝିଅଙ୍କ ବାହାଘର ସରିଯାଇଛି। ୧୯୯୭ ମସିହା ବିପିଏଲ ଲିଷ୍ଟରେ ତାଙ୍କ ନାଁ ନଥିବାରୁ ୧୯୯୯ ମସିହା ମହାବାତ୍ୟା ବେଳେ ସେ ଘରଭଙ୍ଗା ଟଙ୍କା ବି ପାଇ ନ ଥିଲେ, କି ଏଯାଏଁ ବି ସରକାରୀ ଯୋଜନାରେ ଘର ପାଇନାହାନ୍ତି। ଫଳରେ ମହାବାତ୍ୟା ପରଠାରୁ ଝରି ଓ ତାଙ୍କ ରୋଗଣୀ ସ୍ତ୍ରୀଙ୍କ ସହ ଏକ ଭଙ୍ଗା କୁଡ଼ିଆରେ ଦିନ କାଟୁଛନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ କିଛି ଭୁଲ୍ ଭଟକା ଯୋଗୁ ତାଙ୍କୁ ଘର ମିଳିପାରି ନଥିବ। ଏହାର ତଦନ୍ତ କରାଯାଇ ଝରିଙ୍କୁ ଘର ଯୋଗାଇ ଦିଆଯିବାକୁ ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି। ତୁରନ୍ତ ସରକାର ଏହି ଦଳିତ ପରିବାରକୁ ପକ୍କା ଘର ଯୋଗାଇ ଦେବାକୁ ପୂର୍ବତନ ସମିତି ସଭ୍ୟ ପଦ୍ମଲୋଚନ ଦାଶ ଦାବି କରିଛନ୍ତି।

# ସରପଞ୍ଚଙ୍କୁ ଅଟକ ରଖିଲେ ହିତାଧିକାରୀ


ସରପଞ୍ଚଙ୍କୁ ଅଟକ ରଖି ଗ୍ରାମବାସୀ ବସି ରହିଛନ୍ତି।

**ବାଲିକୁଦା,୧୭।୨(ସ୍ୱ.ପ୍ର.)**

- ରାଶନ ସାମଗ୍ରୀ ନେବାକୁ ଆସି ନିରାଶ ହେଲେ
- ନିର୍ଦ୍ଦିଷ୍ଟ ଡିଲରଙ୍କଠାରୁ ସାମଗ୍ରୀ ନେବାକୁ ହିତାଧିକାରୀ ନାରାଜ

ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ଅଧୀନ ୩ ଗ୍ରାମର ରାଶନକାର୍ଡ ହିତାଧିକାରୀଙ୍କୁ ଜଣେ ନିର୍ଦ୍ଦିଷ୍ଟ ଡିଲରଙ୍କଠାରୁ ରାଶନ ସାମଗ୍ରୀ ନେବାକୁ ବାଧ୍ୟ କରାଯାଇଥିଲା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସେମାନେ ସାମଗ୍ରୀ ନ ନେଇ ଗତ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଥିଲେ। କିନ୍ତୁ ବ୍ଲକ ପ୍ରଶାସନ, ସରପଞ୍ଚ, କେତେକ ନେତୃସ୍ଥାନୀୟ ବକ୍ତିଙ୍କ ମଧ୍ୟରେ ଆଲୋଚନା କରି ସୋମବାର ଖାଉଟି ସାମଗ୍ରୀ ପଞ୍ଚାୟତ କାର୍ଯ୍ୟାଳୟରେ ବଣ୍ଟାଯିବାର ବ୍ୟବସ୍ଥା କରାଯାଇଥିଲା। ସେହି ଅନୁସାରେ ହିତାଧିକାରୀ ସାମଗ୍ରୀ ନେବାକୁ ଆସିଥିଲେ। ହେଲେ ଯୋଗାଣ ବିଭାଗ ଓ ବ୍ଲକ ପ୍ରଶାସନର ଦେଖା ମିଳି ନ ଥିଲା। ଫଳରେ ହିତାଧିକାରୀ ସାମଗ୍ରୀ ନ ପାଇ ଉତ୍ତେଜିତ ହୋଇ ପଡ଼ିଥିଲେ। ଶେଷରେ ସରପଞ୍ଚ ଅଶୋକ ବିଶ୍ୱାଳଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ତାଲା ପକାଇ ଅଟକ ରଖିଥିଲେ। ସରପଞ୍ଚଙ୍କୁ ମଧ୍ୟାହ୍ନ ୧୨ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ହିତାଧିକାରୀ ଅଟକ ରଖିଥିବା ବେଳେ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳକୁ ଯାଇ ନ ଥିଲେ। ସନ୍ଧ୍ୟାରେ ଥାନା ଆଇଆଇସି ଓ ପଞ୍ଚାୟତ ସମିତି ଅଧକ୍ଷା ମଧୁସ୍ମିତା ସାହୁ ପହଞ୍ଚି ହିତଧିକାରୀଙ୍କୁ ବୁଝାଶୁଝା କରି ମଙ୍ଗଳବାର ରାଶନ ସମଗ୍ରୀ ବ୍ଲକ କାର୍ଯ୍ୟାଳୟରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସରପଞ୍ଚଙ୍କୁ ମୁକ୍ତ କରାଯାଇଥିଲା। ମଙ୍ଗଳବାର ଯଦି ସାମଗ୍ରୀ ଦିଆ ନ ଯାଏ ତେବେ ବ୍ଲକ କାର୍ଯ୍ୟାଳୟକୁ ଅଚଳ କରାଯିବ ବୋଲି ହିତାଧିକାରୀମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତର ଅଳିହା, ମଝିକୋରା, ରଣପୁର ଗାଁର ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ରାଶନକାର୍ଡଧାରୀଙ୍କୁ ସେମାନେ ପୂର୍ବରୁ ନେଉଥିବା ସ୍ଥାନରୁ ସାମଗ୍ରୀ ନ ନେଇ ଏକ ନିର୍ଦ୍ଦିଷ୍ଟ ଡିଲରଙ୍କଠାରୁ ସାମଗ୍ରୀ ନେବାକୁ କୁହାଯାଇଥିଲା। ହେଲେ ସେମାନେ ଏହାର ବିରୋଧ କରିଥିଲେ।

## ଏକ ଦିବସୀୟ ଭଲିବଲ: ରାଉରକେଲା ଚାମ୍ପିୟନ

**ଏରସମା,୧୭।୨(ସ୍ୱ.ପ୍ର.)**

ଏରସମା ବ୍ଲକ ଅଧୀନ ସିହା ଗ୍ରାମରେ ଏସ୍‌ଭିଏମ୍ କ୍ଲବ ପକ୍ଷରୁ ରବିବାର ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜେକେଏସ ଦଳ ପାରାଦୀପ, ରେଲୱେ ରାଇଜିଂ କ୍ଲବ ରାଉରକେଲା, ସମ୍ବଲପୁର ରେଲୱେ କ୍ଲବ ଓ ଡିଙ୍କିଆ ଭଲିବଲ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଫାଇନାଲ ଖେଳ ରାଉରକେଲା ସହିତ ସମ୍ବଲପୁର ଦଳ ମଧ୍ୟରେ ହୋଇଥିଲା। ସମ୍ବଲପୁର ଟସ ଜିତି ପାର୍ଶ୍ୱ ମନୋନୀତ କରିଥିଲା। ୫ଟି ସେଟ ମଧ୍ୟରୁ ରାଉରକେଲା ଦଳ ୩-୦ ପଏଣ୍ଟରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ରାଜ୍ୟ ରେଫରି ବିଶ୍ୱଜିତ ପରିଡା, ଜାତୀୟ ରେଫରି ଜ୍ଞାନେନ୍ଦ୍ର ମଲ୍ଲିକ ଖେଳ ପରିଚାଳନା କରିଥିଲେ। ନରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ବିଜେଡି ବ୍ଲକ ସଭାପତି ପୀତବାସ ଗଛାୟତ, ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା, ଅକ୍ଷୟ ସ୍ୱାଇଁ, ଗୀତାରାଣୀ ସ୍ୱାଇଁ, ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ଶିକ୍ଷକ ଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସଭାପତି ଅଞ୍ଜନ ସ୍ୱାଇଁ, ବିପିନ ବିହାରୀ ସ୍ୱାଇଁ, ବିଜୟ ଲେଙ୍କା, ଶିବପ୍ରସାଦ ଲଙ୍କା, ମହେନ୍ଦ୍ର ସ୍ୱାଇଁ ଓ ଉମେଶ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ମହାବିଦ୍ୟାଳୟ ପରିସର ସଫେଇ



କଲେଜ ପରିସରରେ ସଫେଇ କରାଯାଉଛି।

**ବିରିଡି, ୧୭।୨ (ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ଅଧୀନ ଅଳକା ମହାବିଦ୍ୟାଳୟ + ୩ ଛାତ୍ରୀଛାତ୍ରମାନଙ୍କର ଦିନିକିଆ ଜାତୀୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳିକା ବିଭାଗରେ ମମତା ମଞ୍ଜରୀ ବେହେରା, ବାଳକ ବିଭାଗରେ ଡ. ଅକ୍ଷୟ କୁମାର ଭଦ୍ର ପ୍ରୋଗ୍ରାମ ଅଫିସର ଭାବେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ବାଳିକା ଓ ବାଳକ ବିଭାଗର ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସର ସଫେଇ କରିଥିଲେ। ପରେ ଜୟଶୋଳସ୍ଥିତ ଭାରତ ଗୋ-ଶାଳାରୁ ଜୟଶୋଳ ଗାଁ ରାସ୍ତାରେ ପୂର୍ବରୁ ଲଗାଯାଇଥିବା ବୃକ୍ଷଗୁଡିକର ସୁରକ୍ଷା ନିମନ୍ତେ ବାଡ ବନ୍ଧା ଯାଇଥିଲା। ଶେଷରେ ବେଲବଣ ମଠରେ ସମସ୍ତେ ଏକତ୍ରିତ ହୋଇ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ କିପରି ପରିବେଶ ସ୍ୱଚ୍ଛ ଓ ପ୍ରଦୂଷଣ ମୁକ୍ତ କରିହେବ, ସେ ସମ୍ପର୍କରେ ଅଧ୍ୟାପିକା ଓ ଅଧ୍ୟାପକମାନେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅଶୋକ କୁମାର ଲେଙ୍କା, ସନ୍ତୋଷ କୁମାର ମିଶ୍ର, ପରିକ୍ଷିତ ମଲ୍ଲିକ, ଇଜାବେଲା ଶତପଥୀ, ଅକ୍ଷୟ ବେହେରା, ପ୍ରମୋଦ ଜେନା, ସୁଧୀର ଜେନା ପ୍ରମୁଖ ସହାୟତା କରିଥିଲେ।

# ବିରିଡ଼ିର ୨୪ ବିଦ୍ୟାଳୟକୁ ଗାରିମା ପୁରସ୍କାର

**ବାଲିଆ, ୧୭।୨**

ବିରିଡି ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ୨୪ଟି ବିଦ୍ୟାଳୟକୁ ଗାରିମା ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା- ମହାତୋଳ ପ୍ରାଥମିକ ସ୍କୁଲ, ହାଜିପୁର ପ୍ରାଥମିକ ସ୍କୁଲ, ଅଷ୍ଟଶମ୍ଭୁ ଉ.ପ୍ରା. ବିଦ୍ୟାଳୟ, ପାରାବିଲ ପ୍ରାଥମିକ ସ୍କୁଲ, ପାଇକସାହି ପ୍ରାଥମିକ ସ୍କୁଲ, ବରିମୁଣ୍ଡା ଜୁନିୟର ବେସିକ ସ୍କୁଲ, ଦରଡା ଗ୍ରାମ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ସ୍କୁଲ, ଶାରଳା ପ୍ରାଥମିକ ସ୍କୁଲ, ଶ୍ୟାମଚାନ୍ଦ ପ୍ରାଥମିକ ସ୍କୁଲ, ଦାସସାହି ମୃକୁଣ୍ଡି ପ୍ରାଥମିକ ସ୍କୁଲ, କୁରୁଳି ଉଚ୍ଚ ପ୍ରାଥମିକ ସ୍କୁଲ। ସେହିପରି ନଇଲୋ ପ୍ରାଥମିକ ସ୍କୁଲ, ସରାଇକଣା, କଣ୍ଟୁଆର, ପଟିପୁର, ଦଣ୍ଡିଲୋ, ତେଲଦିଆ, କୋଟୁଆଁ, ସଂଖାରୀସାହି, ରାୟ ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟ, ନୀଳକଣ୍ଠେଶ୍ୱର ସରକାରୀ ବିଦ୍ୟାଳୟ, ଚଣ୍ଡୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବାଗଲପୁର ଓ ମଇନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମଣ୍ଡଳସ୍ତରୀ ଗାରିମା ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ବାଲିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଆରସିସି କନକଲତା ଦାଶ ସଭାପତିତ୍ୱ କରିଥିଲେ। ଜଗତ୍‌ସିଂହପୁର ଜିଲା ଶିକ୍ଷା ପ୍ରଶିକ୍ଷଣ ଅଧକ୍ଷ ଶକ୍ତିପ୍ରସାଦ ମିଶ୍ର ମୁଖ୍ୟଅତିଥି, ଜିଲା ପ୍ରକଳ୍ପ ସଂଯୋଜକ ସପନୀ କୁମାର ଜେନା ମୁଖ୍ୟବକ୍ତା, ଜିଲା ଗାରିମା ସଂଯୋଜକ ପ୍ରାଧ୍ୟାପକ ଦିପକ କୁମାର ଲେଙ୍କା, ଜିଲା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ, ଏବିଇଓ ବିଜୟ କୁମାର ଦ୍ୱିବେଦୀ, ଅଳକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଗାରିମା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଆଗକୁ ଥିବା ରାଜ୍ୟସ୍ତରୀୟ ଗାରିମା ସ୍ୱର୍ଣ୍ଣ ପୁରସ୍କାର ପାଇଁ ସମସ୍ତେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବଂଶୀଧର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ।



ଅତିଥି ଗାରିମା ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁରସ୍କୃତ କରୁଛନ୍ତି।

# ପିଆର୍‌ଆଇ ସଭ୍ୟ ଟିମ୍‌କୁ ହରାଇ ବ୍ଲକ ପ୍ରଶାସନ ଚାମ୍ପିୟନ

**ବାଲିକୁଦା,୧୭।୨(ସ୍ୱ.ପ୍ର.)**


ଟୁର୍ଣ୍ଣାମେଣ୍ଟକୁ ମନ୍ତ୍ରୀ ରଘୁନନ୍ଦନ ଦାସ ଉଦ୍‌ଘାଟନ କରୁଛନ୍ତି।

**ବାଲିକୁଦା ବ୍ଲକ ପ୍ରଶାସନ, ପିଆରଆଇ ସଭ୍ୟଙ୍କ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ବାଲିକୁଦା ବ୍ଲକ ପ୍ରଶାସନ ଓ ବାଲିକୁଦା ପିଆର୍‌ଆଇ ସଭ୍ୟଙ୍କ ମଧ୍ୟରେ ରବିବାର ବାଲିକୁଦା ହାଇସ୍କୁଲ ପଡ଼ିଆରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ୍‌କୁ ମନ୍ତ୍ରୀ ରଘୁନନ୍ଦନ ଦାସ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧ୍ୟକ୍ଷ ରାଖାଲ ଚନ୍ଦ୍ର ଦାସ, ବାଲିକୁଦା ଉପନିବନ୍ଧକ ଅଜୟ ମହାନ୍ତି, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ବିଡିଓ ଡ. କଲ୍ୟାଣ ସୌରଭ ଦାଶ, ଏବିଡିଓ ଅଜୟ ବେହେରା, ଥାନାଧିକାରୀ ସର୍ବେଶ୍ୱର ବେହେରା, ବାଲିକୁଦା ସରପଞ୍ଚ ଅନୁସୂୟା ସାହୁ, ମ୍ୟାନେଜର ହରିଶ୍ଚନ୍ଦ୍ର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଟସ ଜିଣି ପିଆରଆଇ ସଭ୍ୟ ଟିମ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲକ ପ୍ରଶାସନ ମାତ୍ର ୧୭ ଓଭର ଖେଳି ୭ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ବ୍ଲକ ପ୍ରଶାସନ ଟିମର ଅଧିନାୟକ ବିଡିଓ ଡ. ଦାଶ ଓ ଏବିଡିଓ ବେହେରା ଉପଅଧିନାୟକ ଥିବା ବେଳେ ପିଆରଆଇ ସଭ୍ୟ ପକ୍ଷରୁ ଖାଲଗାଁ ସରପଞ୍ଚ ଗୋବିନ୍ଦ ସେଠୀ ଅଧିନାୟକ ଓ ବୋରିକିନା ସରପଞ୍ଚ ସାଧୁ ସାହୁ ଉପ ଅଧିନାୟକ ଦାୟିତ୍ୱ ବହନ କରିଥିଲେ। ଅମ୍ପାୟର ଗୁରୁକୃଷ୍ଣ ବିଶ୍ୱାଳ, ସ୍ୱାଧୀନ ଗୋଛାୟତ ଦାୟିତ୍ୱ ତୁଲାଇଥିଲେ। ତାପସ ରାଉତ, ରମେଶ ବହିରା, ଗୋପୀନାଥ ବିଶ୍ୱାଳ ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବ୍ଲକ ଅଧକ୍ଷା ସାହୁ, ବଡ଼ଗାଁ ଅଳାବୋଳ ସରପଞ୍ଚ ପଲ୍ଲିଶ୍ରୀ ସାମଲ, ଗରାମ ସରପଞ୍ଚ ଦିପାରାଣୀ ଜେନା, ଅଳାଭର ସରପଞ୍ଚ ଅଶୋକ ବିଶ୍ୱାଳ, ଇଚ୍ଛାପୁର ସରପଞ୍ଚ ରମେଶ ସ୍ୱାଇଁ, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଟିମକୁ ପୁରସ୍କୃତ କରିଥିଲେ। ବଡଗାଁ ନାୟବ ସରପଞ୍ଚ ବିଶ୍ୱନାଥ ଦାସ, ଦାମୋଦର ମହାନ୍ତି, ବରିଷ୍ଠ ରାଜସ୍ୱ ସହାୟକ ନିହାର ରଞ୍ଜନ ଦାସ, ସରପଞ୍ଚ ଯତୀନ ପରିଡା, ସମିତିସଭ୍ୟ ନୀଳମଣି ବେହେରା, ବାବାଜୀ ଦାସ, ବ୍ଲକ କର୍ମଚାରୀ ବିଜୟ ସ୍ୱାଇଁ, ଉଲ୍ଲାସ ବାରିକ, ଅଭିରାମ ନାଥ, କାର୍ତ୍ତିକ ସ୍ୱାଇଁ, କାର୍ତ୍ତିକ ବିଶ୍ୱାଳ, ଲୋକନାଥ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ମରଣଯନ୍ତା ପାଲଟିଛି ହସିଣା ଛକ

**କେନ୍ଦ୍ରାପଡା ଅଫିସ, ୧୭ା୨**

କେନ୍ଦ୍ରାପଡା ଜିଲା ଅଧୀନ ରାଜନଗର ବ୍ଲକର ରାଜନଗର-ତାଲଚୁଆ ରାସ୍ତାର ହସିଣା ଛକ ନିକଟ ୧ କିଲୋମିଟର ରାସ୍ତା ଲୋକମାନଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗତ ମାସକ ମଧ୍ୟରେ ୩ଟି ବଡ ଧରଣର ସଡକ ଦୁର୍ଘଟଣା ହୋଇଥିଲେ ମଧ୍ୟ ପ୍ରଶାସନିକ ସତର୍କତା ଦେଖିବାକୁ ମିଳୁନାହିଁ। ରବିବାର ରାତିରେ ଭିତରକନିକା ମହୋତ୍ସବରୁ ଫେରୁଥିବା ସମୟରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ବୋଲେରୋ ସହିତ ତାଲଚୁଆକୁ ଯାଉଥିବା ଅନ୍ୟ ଏକ ବୋଲେରୋର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ଗାଡି ଏହି ଧକ୍କାରେ ରାସ୍ତା ନିକଟ ବିଲକୁ ଗଡ଼ିଥିଲା ବେଳେ ନିକଟରେ ଥିବା ହସିଣା ଗ୍ରାମର ତିଳୋତ୍ତମା ସାହୁଙ୍କ ଉପରେ ଗାଡ଼ି ଚଢ଼ି ଯାଇଥିଲା। ଏବେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଜାତୀୟ ସାହସିକତା ପୁରସ୍କାର ପାଇଥିବା ସିତୁ ମଲ୍ଲିକଙ୍କର ଗତ ୪ ମାସ ତଳେ ଗାଡି ଧକ୍କାରେ ମୃତ୍ୟୁ ହୋଇଥିଲା। ଏଥିସହ ଗତ ମାସକ ମଧ୍ୟରେ ଏହି ରାସ୍ତାରେ ୩ଟି ବାଇକ୍ ଦୁର୍ଘଟଣା ହୋଇଯାଇଛି। ସେହିପରି ଉକ୍ତ ସ୍ଥାନରେ ଦୁର୍ଘଟଣା ଘଟି ଯାଜପୁର ଜିଲାର ହଳଧର ଦାଶଙ୍କ ଗୋଡ଼ ଭାଙ୍ଗି ଥିବା ବେଳେ ଅନ୍ୟ ଦୁଇଟି ଘଟଣାରେ ବାଇକ ଚାଳକ ଆହତ ହୋଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଜୟନ୍ତ କୁମାର ବେହେରା କହିଛନ୍ତି ଯେ, ରାଜନଗର-ତାଲଚୁଆ ରାସ୍ତାର ହସିଣା ଛକଠାରୁ ୧ କିଲୋମିଟର ଲମ୍ବ ମଧ୍ୟରେ ୩ଟି ମୋଡ ଅଛି। ମୋଡଠାରେ ଗଛ ଥିବାରୁ ଚାଳକଙ୍କୁ ଅପରପଟୁ ଆସୁଥିବା ଗାଡିଗୁଡ଼ିକ ଦେଖାଯାଉ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ୧ କିଲୋମିଟର ଅଞ୍ଚଳରେ ହମ୍ପସ ନିର୍ମାଣ ସହ ସଚେତନତା ପାଇଁ ବ୍ୟବସ୍ଥା କରାଯିବା ଜରୁରୀ ହୋଇପଡ଼ିଛି। ଏ ନେଇ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁ ନ ଥିବା ଜୟନ୍ତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆର୍‌ଟିଓ ନିଖିଲ କୁମାର ପଟ୍ଟନାୟକ କହିଛନ୍ତି ଯେ, ଏହି ସ୍ଥାନକୁ ଦୁର୍ଘଟଣା ପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ହୋଇଛି। ଖୁବ୍‌ଶୀଘ୍ର ହମ୍ପସ ନିର୍ମାଣ ହେବ। ଏଥିସହିତ ଆସନ୍ତା ଦୁଇଦିନ ମଧ୍ୟରେ ସତର୍କତା ବାର୍ତ୍ତା ସମ୍ବଳିତ ବୋର୍ଡ ଲଗାଯିବ ବୋଲି ସେ ପ୍ରକାଶ କରିଛନ୍ତି।




# ଦ୍ୱିତୀୟ ସେମିରେ ବାଲାବାବା ବିଜୟୀ

**ରାଜନଗର, ୧୭ା୨ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଫିରିକିଦାଣ୍ଡି ଖେଳପଡିଆଠାରେ ବାବା ବୈଷ୍ଣବ ଗୋସ୍ୱାମୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇନ୍ଦୁପୁରର ଗୋପବନ୍ଧୁ କ୍ରିକେଟ କ୍ଲବକୁ ୪ ଉଇକେଟରେ ହରାଇ କେନ୍ଦ୍ରାପଡାର ବାଲାବାବା କ୍ରିକେଟ ଟିମ ଫାଇନାଲରେ ପ୍ରବେଶ କରିଛି। ଗୋପବନ୍ଧୁ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୬୨ ରନ୍ କରି ବିଜୟୀ ହୋଇଥିଲା। ଏଲଆଣ୍ଡ୍‌କେର ପରିଚାଳନା ନିର୍ଦ୍ଦେଶକ ପ୍ରତାପ କୁମାର ପଲାଇ, ସୂର୍ଯ୍ୟକୁମାର ଦାସ, ବିକାଶ ମହାନ୍ତି, ରାକେଶ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ନିରଞ୍ଜନ ଦାସ, ଅଞ୍ଜନ ବେହେରା ଅମ୍ପାୟରିଂ କରିଥିବା ବେଳେ କୈଳାସ ମହାନ୍ତି, ସୁଧୀର ବେହୁରା, ଅସିତ ତ୍ରିପାଠୀ, ନିମାଇଁ ମହାନ୍ତି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।


ଅତିଥିଙ୍କ ଗହଣରେ ବିଜେତା ଦଳର ଖେଳାଳି ଓ ଅନ୍ୟମାନେ।

# ଶଟର କାଟି ସୁନା ଦୋକାନରୁ ଚୋରି

**ଡେରାବିଶ, ୧୭ା୨ (ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅଧୀନ ଚାନ୍ଦୋଳ ବଜାରରେ ଥିବା ଏକ ସୁନା ଦୋକାନର ସଟର କାଟି ଦୁର୍ବୃତ୍ତମାନେ ସୁନା, ରୁପା ଗହଣା ଓ ନଗଦ ୪୫ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ମୁକୁନ୍ଦପୁର ଗ୍ରାମର ରବୀନ୍ଦ୍ର କୁମାର ନାୟକ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ ଜାରି ରଖିଥିବା ଜଣାପଡ଼ିଛି। ଅଭିଯୋଗ ମୁତାବକ, ଚାନ୍ଦୋଳ ବଜାରରେ ରବୀନ୍ଦ୍ର 'ବାପି ଜୁଏଲର୍ସ' ସୁନା ଦୋକାନ କରିଛନ୍ତି। ସୋମବାର ସକାଳୁ ରବୀନ୍ଦ୍ର ଦୋକାନ ଖୋଲିବାକୁ ଆସିବା ବେଳକୁ ଦୋକାନର ଗ୍ରୀଲ୍‌ରୁ ତାଲା ତଡ଼ା ହୋଇଥିବା ବେଳେ ଶଟରକୁ କେହି ଦୁର୍ବୃତ୍ତ ଗ୍ୟାସ୍ କଟରରେ କାଟି ଦେଇଥିବା ଦେଖିଥିଲେ। ବାହାରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ କାଗଜ ଟେପ୍ ଲଗାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ସ୍ପେଶାଲ ସ୍କ୍ୱାର୍ଡ ଅଧିକାରୀ ପି.କେ. କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ରହି ତଦନ୍ତ କରି ଫେରିଛନ୍ତି।

# ଜନଶୁଣାଣି ଶିବିରରେ ୨୭୬ ଅଭିଯୋଗ


ଦିବ୍ୟାଙ୍ଗ ଛାତ୍ର ଉତ୍ତମ କୁମାର ବିଶ୍ୱାଳଙ୍କୁ ଲାପଟପ ପ୍ରଦାନ କରାଯାଉଛି।

**ଆଳି, ୧୭ା୨ (ଡି.ଏନ୍.ଏ.)**

ଆଳି ବ୍ଲକ ସଭାଗୃହ ପରିସରରେ ସୋମବାର କେନ୍ଦ୍ରାପଡା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୭୬ ଅଭିଯୋଗ ଶୁଣାଣି ହୋଇଥିବା ବେଳେ ସେଥିରେ ଆବାସ ଯୋଜନା, ରାଶନକାର୍ଡ, ଭତ୍ତା ଆଦି ପ୍ରମୁଖ ଅଭିଯୋଗ ଥିଲା। ଶିବିରରେ ଜିଲାପାଳ ସମର୍ଥ ବର୍ମା, ଏସ୍‌ପି ନୀତିଶେଖର, ଆଳି ବିଡିଓ ଜୟନ୍ତ ପୃଷ୍ଟି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ୮ଟି ସାମୂହିକ ଅଭିଯୋଗଗୁଡ଼ିକ ମଧ୍ୟରେ ମହୁ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଏକମାଣିଆ ପଞ୍ଚାୟତରେ ଗ୍ରାମ୍ୟରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ, ଦକ୍ଷିଣଡିହା ସ୍କୁଲର ଶିକ୍ଷକ ବଦଳି ଆଦି ଅଭିଯୋଗ ଥିଲା। ଶିବିରରେ ୬ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ୧୮ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶେଷରେ ରାଜକନିକା ବ୍ଲକର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଦିବ୍ୟାଙ୍ଗ ଛାତ୍ର ଉତ୍ତମ କୁମାର ବିଶ୍ୱାଳଙ୍କୁ ମାଗଣାରେ ଏକ ଲ୍ୟାପଟପ ପ୍ରଦାନ କରା ଯାଇଥିଲା। ନିଆଳ ପଞ୍ଚାୟତର ଦିବ୍ୟାଙ୍ଗ ସିଦ୍ଧେଶ୍ୱର ନାୟକଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା।

# ଟୋକନ୍ ନ ମିଳିବାରୁ ଧାନ ବିକ୍ରି କରିପାରୁନାହାନ୍ତି ଚାଷୀ

**କେନ୍ଦ୍ରାପଡା ଅଫିସ, ୧୭ା୨**

କେନ୍ଦ୍ରାପଡା ବ୍ଲକ ଓସ୍ତପୁର ମଣ୍ଡିରେ ଚାଷୀଙ୍କ ଠାରୁ ଧାନ ନିଆଯାଉ ନାହିଁ। ଏପରି ଅଭିଯୋଗ ଆଣି ନବ ନିର୍ମାଣ କୃଷକ ସଂଘର ଓସ୍ତପୁର ଓ କଂସାର ପଞ୍ଚାୟତ ସଂଗଠନ ଓ ଓସ୍ତପୁର ପ୍ରାଥମିକ କୃଷି ସେବା ସମବାୟ ସମିତି ସଭ୍ୟମାନେ ସିଏସଓ ରଜନୀକାନ୍ତ ଦାସଙ୍କୁ ସୋମବାର ଘେରିଛନ୍ତି। ଅପରାହ୍ନରେ ସିଏସଓ କାର୍ଯ୍ୟାଳୟରେ ପହଞ୍ଚି ଏନେଇ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ନବ ନିର୍ମାଣ କୃଷକ ସଂଗଠନର ବ୍ଲକ ସଂଯୋଜକ ରବିନ୍ଦ୍ର ମହାପାତ୍ର କହିଛନ୍ତିଯେ, ଗତ ୨୦୧୮-୧୯ ଆର୍ଥିକ ବର୍ଷରେ ଅନଲାଇନରେ ଧାନକିଣା ବ୍ୟବସ୍ଥାରେ ଚାଷୀଙ୍କଠାରୁ ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ୫୦ଭାଗ କମ ଧାନ ଏହି ମଣ୍ଡିରେ ସଂଗ୍ରହ କରାଯାଇଥିଲା। ଏହାସତ୍ତ୍ୱେ ଧାନର ସହାୟକ ମୂଲ୍ୟ ଚାଷୀଙ୍କୁ ବହୁ ବିଳମ୍ବରେ ଦିଆଯାଇଥିଲା। ଚଳିତବର୍ଷ ଜାନୁୟାରୀ ମାସର ଧାନ ସଂଗ୍ରହ ଆରମ୍ଭ ହୋଇଥିଲେ ମଧ୍ୟ ଆଶାନୁରୂପକ ଚାଷୀଙ୍କ ଧାନ ବିକ୍ରି ହୋଇ ପାରି ନାହିଁ। ସମସ୍ତଙ୍କୁ ଟୋକନ ଅଦ୍ୟାବଧି ମିଳିନାହିଁ। ମଣ୍ଡିରେ ଚାଷୀଙ୍କ ସମସ୍ତ ଧାନ ନ ନେଲେ ଆନ୍ଦୋଳନ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସିଏସଓ ଦାସ କହିଛନ୍ତି ଯେ, ଟୋକନ ବ୍ୟବସ୍ଥା ଅନଲାଇନରେ ହେଉଛି। ଯେଉଁ ଚାଷୀ ଟୋକନ ପାଇଛନ୍ତି, ସେମାନେ ହିଁ ଧାନ ବିକ୍ରି କରିପାରିବେ। ନବ ନିର୍ମାଣ କୃଷକ ସଂଗଠନର ଅମ୍ବରୀଶ ପରିଡା, ହୃଷୀକେଶ ନାୟକ, ମଧୁସୁଦନ ରାଉତ, ଶୁକଦେବ ରାଉତ, ରତ୍ନାକର ମହାନ୍ତିଙ୍କ ସମେତ ୨୦ରୁ ଅଧିକ ଚାଷୀ ଘେରାଉରେ ସାମିଲ ହୋଇଥିଲେ।

# ଲକ୍ଷାଧିକ ଟଙ୍କାର ମାର୍ବଲ ଚୋରି

କେନ୍ଦ୍ରାପଡା ଅଫିସ୍, ୧୭ା୨: ସଦର ଥାନା ଅଧୀନ ହଳଦୀଡିହ ଛକରୁ ଲକ୍ଷାଧିକ ଟଙ୍କାର ମାର୍ବଲ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଯାଇଛି। ଏ ନେଇ ବ୍ୟବସାୟୀ ଟାଉନ ଥାନା ଅଧୀନ ଦିଲାରପୁର ଗ୍ରାମର ରିୟାଜୁଦ୍ଦିନ ସଦର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୪୨/୨୦ ନଂ.ରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, କଟକ-ଚାନ୍ଦବାଲି ରାଜପଥର କେନ୍ଦ୍ରାପଡା ବ୍ଲକ କପାଳେଶ୍ୱର ପଞ୍ଚାୟତ ଗରୁଆଳ ନିକଟ ହଳଦି ଡିଅ ଛକଠାରେ ରିୟାଜୁଦ୍ଦିନଙ୍କ ମାର୍ବଲ ଦୋକାନ ଅଛି। ରବିବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ଗୋଟିଏ ସ୍କୁଟିରେ ଆସି ଦୋକାନ ଘର ତାଲା ଭାଙ୍ଗିବା ସହ ମାର୍ବଲ ଲୁଟି ନେଇଥିବା ସିସିଟିଭି ଫୁଟେଜରେ ଦେଖାଯାଉଛି। ଏ ସମ୍ପର୍କରେ ଥାନା ଅଧିକାରୀ ପ୍ରମୋଦ ମଲ୍ଲିକ କୁହନ୍ତି , ସିସିଟିଭି ଫୁଟେଜ ଆଧାରର ତଦନ୍ତ ଆରମ୍ଭ ହୋଇଛି।

# ମାଟ୍ରିକ୍ ପରୀକ୍ଷାରୁ ବଞ୍ଚିତ ହେବେ ମଣ୍ଟୁ

କେନ୍ଦ୍ରାପଡ଼ା ଅଫିସ, ୧୭ା୨ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ରୁ ଆରମ୍ଭ ହେଉଛି। ତେବେ ଆଡମିଟ କାର୍ଡରେ ତ୍ରୁଟି ଯୋଗୁ କେନ୍ଦ୍ରାପଡା ବ୍ଲକ ଧୂମାତ ଗ୍ରାମସ୍ଥିତ ରାଧାଗୋବିନ୍ଦ ବିଦ୍ୟାପୀଠର ଛାତ୍ର ମଣ୍ଟୁ ମଲ୍ଲିକ ଏହି ପରୀକ୍ଷାରୁ ବଞ୍ଚିତ ହେବା ଆଶଙ୍କା ପ୍ରକାଶ ପାଇଛି। ତାଙ୍କ ଆଡମିଟ କାର୍ଡରେ ବାପା ଓ ମା'ଙ୍କ ନାମ ଭୁଲ୍ ରହିଛି। ବାପା କୈଳାସଙ୍କ ସ୍ଥାନରେ ସୁବୋଧ ହୋଇଥିବା ବେଳେ ମା'ଙ୍କ ନାମ ଜୟନ୍ତୀ ବଦଳରେ କାମିନୀ ହୋଇଛି। ଏନେଇ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମିଶ୍ର କହିଛନ୍ତି ଯେ, ବିଦ୍ୟାଳୟରେ ଦୁଇ ଜଣ ମଣ୍ଟୁ ମଲିକ ପଢୁଛନ୍ତି। ଫର୍ମ ଫିଲପ ସମୟରେ କୌଣସି ପ୍ରକାର ଭୁଲ୍ ରହିଛି। ତେବେ ଡିଇଓ ସଞ୍ଜୀବ କୁମାର ସିଂହ କହିଛନ୍ତି ଯେ, ହାତରେ ଗୋଟିଏ ଦିନ ସମୟ ଅଛି। ବୋର୍ଡ କର୍ତ୍ତୃପକ୍ଷଙ୍କୁ ଦୁଇ ଜଣଙ୍କ ଆଡମିସନ ରେଜିଷ୍ଟର ଦେଖାଇ ଆଡମିଟ କାର୍ଡରେ ସୁଧାର ଅଣା ଯାଇପାରିବ। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ସେ ନିର୍ଦ୍ଦେଶ ଦେବେ ବୋଲି କହିଛନ୍ତି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ଦୃଶ୍ୟ ହେଲା ବିରଳ ଗରୁଡ ପକ୍ଷୀ



**ବୋଲଗଡ,୧୭।୨(ଡି.ଏନ.ଏ.):** ବୋଲଗଡ ବ୍ଲକ ସାନପଦର ଗ୍ରାମର ତାରେଶ୍ୱର ଦେବ ମନ୍ଦିର ନିକଟ ଆମ୍ବଗଛ ମୂଳରେ ସୋମବାର ଏକ ବିରଳ ପକ୍ଷୀ ଦେଖିବାକୁ ମିଳିଛି। ଏହା ଗରୁଡ ପକ୍ଷୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପକ୍ଷୀଟି ଦୁଇଦିନ ହେଲା ଉକ୍ତ ଆମ୍ବଗଛରେ ରହୁଥିବା ଜଣାପଡିଥିଲା। ସୋମବାର ସନ୍ଧ୍ୟାରେ ଏହା ଗଛତଳେ ବସିଥିବାରୁ ଲୋକେ ସ୍ପଷ୍ଟ ଭାବେ ଦେଖିପାରିଥିଲେ। ହିନ୍ଦୁ ଧର୍ମରେ ଗରୁଡ ପକ୍ଷୀ ପ୍ରତି ଲୋକଙ୍କ ଶ୍ରଦ୍ଧା ଓ ଭକ୍ତି ରହିଛି। ଧର୍ମୀୟ ଧାରଣାକୁ ନେଇ ଗ୍ରାମରେ ଏହି ପକ୍ଷୀ ଦେଖାଯିବାରୁ ଏହା ଶୁଭସଙ୍କେତ ବୋଲି ଆସ୍ତିକବାଦୀମାନେ ମତ ଦେଇଛନ୍ତି।

## ନୟାଗଡ଼ ଓ ଶରଣକୁଳରେ ବନ୍ଧୁମିଳନ

**ନୟାଗଡ ଅଫିସ,୧୭।୨:** ନୟାଗଡ଼ ବ୍ଲକ ଚଣ୍ଡିବସ୍ତ ମଧଇଂରାଜୀ ବିଦ୍ୟାଳୟର ୧୯୮୧ ମସିହା ଓ ଓଡଗାଁ ବ୍ଲକ କଜଳାଇପଲ୍ଲୀ ସାରସ୍ୱତ ଲୋକ ବିଦ୍ୟାପୀଠର ୧୯୭୬ ବ୍ୟାଚ ଛାତ୍ରଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସରସ୍ୱତୀ ବିଦ୍ୟାମନ୍ଦିରରେ ଆୟୋଜିତ ଉତ୍ସବରେ ଚଣ୍ଡିବସ୍ତ ମଧଇଂରାଜୀ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରଫୁଲ୍ଲ ବେହେରା ବନ୍ଧୁମିଳନର ଲକ୍ଷ୍ୟ ସମ୍ପର୍କରେ ଟିପ୍ପଣୀ ଦେଇଥିଲେ। ଏଥିରେ ବରିଷ୍ଠ ଖବରଦାତା ପ୍ରଦୀପ୍ତ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ନନ୍ଦ, ଉପେନ୍ଦ୍ର ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମେଶ, ଡମ୍ବରୁ, ଶ୍ରୀନିବାସ, ଗୋପାଳ ଏହାକୁ ପରିଚାଳନା କରିଥିଲେ। ସେହିଭଳି କଜଳାଇପଲ୍ଲୀରେ ଶିକ୍ଷାବିତ୍ ଦୀନବନ୍ଧୁ ମହାପାତ୍ର, ଲଳିତ ପଟ୍ଟନାୟକ, ନକୁଳ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବନ୍ଧୁ ମିଳନରେ ସହପାଠୀମାନେ ପୁରୁଣା ଦିନର ସ୍ମୃତି ବଖାଣିଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ। ପରଲୋକଗତ ସହପାଠୀଙ୍କ ଉଦ୍ଦେଶ୍ୟରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଶ୍ରଦ୍ଧାଞ୍ଜଳି ସଭା

**ନୟାଗଡ ଅଫିସ,୧୭।୨:** ଓଡଗାଁ ବ୍ଲକ ସୋଲପଟାର ପରିବେଶବିତ୍, ସାହିତ୍ୟ ସାଧକ ଦୁଃଖିଶ୍ୟାମ ଦାସଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସୋଲପଟାର ନେତାଜୀ ସୁବାସ ଆଶ୍ରମ ପକ୍ଷରୁ ଆୟୋଜିତ ସଭାରେ ଖବରଦାତା ପ୍ରଦୀପ୍ତ ପଟ୍ଟନାୟକ, ପ୍ରଫେସର ରାମଚନ୍ଦ୍ର ମିଶ୍ର, ମୈତ୍ରି ଯୁବ ସଂସଦ ସମ୍ପାଦକ ପ୍ରଦୀପ୍ତ ସାହୁ, ସାମାଜିକ କର୍ମୀ ଲକ୍ଷ୍ମଣ ଜେନା, ପ୍ରଶାନ୍ତ ସାମନ୍ତରାୟ, ନେତ୍ରାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ସ୍ମୃତି ଚାରଣ କରିଥିଲେ।

# ଜିଲା ସଦର ମହକୁମାରେ ବଢୁଛି ଜବରଦଖଲ

**ନୟାଗଡ଼ ଅଫିସ,୧୭।୨**

ଜବରଦଖଲକୁ ଜାଗା ମିଶନ ଯୋଜନା ପ୍ରୋତ୍ସାହିତ କରିଛି। ଏହି ଯୋଜନାରେ ପଟ୍ଟା ମିଳିବା ପରେ ନୟାଗଡ଼ ଜିଲା ସଦର ମହକୁମାରେ ଜବରଦଖଲ ବଢ଼ିଛି। ଏଥିରେ ରୋକ ଲଗାଇବାରେ ତହସିଲ ଅଫିସ କିମ୍ବା ପ୍ରଶାସନ ବିଫଳ ହୋଇଥିବା କୁହାଯାଉଛି। ଭୋଟ ରାଜନୀତି ଜବରଦଖଲକାରୀଙ୍କୁ ସୁହାଇଛି। ସହରର ବାସିନ୍ଦା ଠିକ୍ ସମୟରେ ଟିକସ ଦେଇଆସୁଥିଲେ ମଧ୍ୟ ସେମାନଙ୍କୁ ସର୍ବନିମ୍ନ ସୁବିଧା ମିଳୁନି। ଅନ୍ୟପକ୍ଷେ ଜବରଦଖଲକାରୀଙ୍କୁ ପଟ୍ଟା ଦିଆଯାଇ ସର୍ବନିମ୍ନ ସୁବିଧା ଯୋଗାଇ ଦିଆଯାଉଛି। କିଛି ଟିକସଦାତାଙ୍କ ଅଭିଯୋଗ ହେଉଛି ଗରିବ ଓ ଭୂମିହୀନଙ୍କୁ ଜମିପଟ୍ଟା ଦେଇ ସରକାରୀ ସୁବିଧା ସୁଯୋଗ ଦେବାରେ ପ୍ରତିବାଦ ନାହିଁ। କିନ୍ତୁ ଗରିବ ଓ ଭୂମିହୀନଙ୍କ ନାଁରେ ସ୍ୱଚ୍ଛଳ ବର୍ଗ ସୁବିଧା ସୁଯୋଗ ହାତେଇ ନେଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଟିକସଦାତାଙ୍କୁ ଯେପରି ଅଣଦେଖା କରାଯାଉଛି ତାହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ସେମାନେ କହିଛନ୍ତି।

## ପ୍ରୋତ୍ସାହନ ଦେଉଛି ଜାଗା ମିଶନ ଯୋଜନା



ଜଜାଙ୍ଗୀ ପାହାଡ଼ରେ ତିଆରି ହୋଇଥିବା ଘର।

### ବାଦ୍ ପଡିଲାନି ପାହାଡ଼

ଜିଲା ସଦର ମହକୁମାର ପାହାଡ଼ ଉପରେ, ଜଙ୍ଗଲ ପାଦଦେଶରେ ଘର ନିର୍ମାଣ ହୋଇ ସାରିଲାଣି। କିଛି ସ୍ଥାନରେ ଘର ତିଆରି ଚାଲିଛି। ସହରର ଜଜାଙ୍ଗ, ରୁକ୍ଷୀ ଓ ବଳରାମ ପାହାଡ ଉପରେ ଓ ପାଦଦେଶର ବିଭିନ୍ନ ସ୍ଥାନ ଏବେ ଜବରଦଖଲରେ। ଏପରି କି ସହରର ପ୍ରଭାବଶାଳୀ ଲୋକ ମୂଲ୍ୟବାନ ଜମିକୁ ଜବରଦଖଲ କରି ରଖିଛନ୍ତି।

### ସ୍ୱଚ୍ଛଳ ବର୍ଗ ହାତେଇଛନ୍ତି ଜମି

ନୟାଗଡ଼ ସହରରେ ବହୁ ସ୍ୱଚ୍ଛଳ ବର୍ଗ ଜାଗା ମିଶନରେ ପଟ୍ଟା ପାଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି। ଯେଉଁମାନେ ପଟ୍ଟା ପାଇଛନ୍ତି ସେମାନେ ଯୋଗ୍ୟ କି ନୁହେଁ ତା'ର ତଦନ୍ତ ହେବା ଦରକାର। ସେମାନଙ୍କ ନାଁରେ ଆଉ କେଉଁସ୍ଥାନରେ ଜମି ଅଛି କି ନାହିଁ ଯାଞ୍ଚ କରାଯାଉ। ଯେଉଁମାନେ ମିଥ୍ୟା ତଥ୍ୟ ଦେଇ ଜମି ପଟ୍ଟା ହାତେଇଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅନୁରୋଧ କରାଯାଇଛି। ଜଣେ ଭୂମିହୀନଙ୍କ ସୂଚନା ଅନୁସାରେ ହାତଗୁଞ୍ଜା ଦେଇ ଅନେକ ସ୍ୱଚ୍ଛଳ ଲୋକ ଜମିପଟ୍ଟା ହାତେଇ ନେଇଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଗଲେ ଅନେକ ଜମିପଟ୍ଟା ବାତିଲ କରିବାକୁ ବାଧ ହେବେ ବୋଲି ସେ କହିଛନ୍ତି।

### ବିକ୍ରି ହେଉଛି ସରକାରୀ ଜମି

ଜିଲା ସଦର ମହକୁମାରେ ସରକାରୀ ଜମି ବିକ୍ରି ହେଉଛି। ଏହାର ମୂଲ୍ୟ ୫୦ ହଜାରରୁ ଆରମ୍ଭ କରି ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିପାଇଁ ଦଲାଲ ପ୍ରସ୍ତୁତ ହୋଇ ରହିଛନ୍ତି। ବହୁ ସରକାରୀ କର୍ମଚାରୀ ମଧ୍ୟ ସରକାରୀ ଜମି କିଣି ରହିଛନ୍ତି। ଜଣେ ସରକାରୀ କର୍ମଚାରୀଙ୍କ ସୂଚନା ଅନୁସାରେ ବାହାରେ ଭଡା ଦେଇ ରହିବା ଅପେକ୍ଷା ସରକାରୀ ଜମି କିଣି ଅସ୍ଥାୟୀ ଘର କରି ରହିଲେ ଖର୍ଚ୍ଚ କମ୍ ହେଉଛି। ଯିବାବେଳେ ପୁଣି ଘର ବିକ୍ରି କରି ହେଉଛି। ଟେନ୍‌ସନ୍ କିଛି ନାହିଁ। ଜବରଦଖଲ ମଧ୍ୟ ଉଚ୍ଛେଦ ହେଉ ନାହିଁ।

### ଗାଁ ଲୋକ ସହର ମୁହାଁ

ଜିଲା ସଦର ମହକୁମାରେ ଶିକ୍ଷା, ସ୍ୱାସ୍ଥ୍ୟ ପରି ବିଭିନ୍ନ ସେବା ହାତପାଆନ୍ତାରେ ମିଳୁଥିବାରୁ ଅନେକ ପରିବାର ଗାଁ ଛାଡି ସହରାଭିମୁଖୀ ହେଉଛନ୍ତି। ସମସ୍ତ ସୁବିଧା ଉପଲବ୍ଧ ଥିବାରୁ ଜିଲା ସଦର ମହକୁମାରେ ଲୋକସଂଖ୍ୟା ବଢ଼ି ଚାଲିଛି। ଅଧିକାଂଶ ପରିବାର ଝିଅ ପୁଅ ବାହାନାରେ ଗାଁ ଘର ଛାଡି ସହରକୁ ଆସୁଛନ୍ତି। କିଛି ଲୋକ ଭଡା ଘରେ ରହୁଥିବାବେଳେ ଆଉକିଛି ଲୋକ ଚାଷୋପଯୋଗୀ ଜମି କିଣି ଘର କରି ରହୁଛନ୍ତି। ପୁଣି ଅଧିକାଂଶ ଲୋକ ସରକାରୀ ଜମିକୁ ମାଡିବସି ସ୍ଥାନୀୟ ବାସିନ୍ଦା ହେବାରେ ଲାଗିଛନ୍ତି।

ଏ ସମ୍ପର୍କରେ ନୟାଗଡ଼ ତହସିଲଦାର ଭିକାରୀ ସାହୁ କୁହନ୍ତି, ଜବରଦଖଲ ଉପରେ ଅଭିଯୋଗ ମିଳିନି। ତଥାପି ଜବରଦଖଲ ଯେପରି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି ।

## ବନ୍ଧୁକ ଦେଖାଇ ଚାନ୍ଦା ମାଗିଲେ
## ଜେଲ ଗଲେ ୨ ଅଭିଯୁକ୍ତ

**ନୟାଗଡ଼ ଅଫିସ,୧୭।୨**

ବନ୍ଧୁକ ଦେଖାଇ ଚାନ୍ଦା ମାଗିବା ଅଭିଯୋଗରେ ଶରଣକୁଳ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନେ ହେଲେ ପଦ୍ମାଦେଇପୁରର ଶ୍ରୀଧର ପ୍ରଧାନ ଓରଫ ରାଜା (୨୨), ନୟାଗଡ ସଦର ଥାନା ଚାହାଳି ରାଏପୁର ଗାଁର କୃଷ୍ଣଚନ୍ଦ୍ର ସ୍ୱାଇଁ ଓରଫ ପପୁ (୨୩)। ଅଭିଯୋଗ ଅନୁସାରେ ପଦ୍ମାଦେଇପୁରରେ ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ପାଣିଟାଙ୍କି ନିର୍ମାଣ ଚାଲିଛି। ରାଜା ଓ ପପୁ ଠିକାଦାରଙ୍କ ସୁପରଭାଇଜର ହିରଣ୍ୟ ଦୋରାଙ୍କୁ ପ୍ରଥମେ ୨ ହଜାର ଟଙ୍କା ଦାଦାବଟି ମାଗିଥିଲେ। ପରେ ୧୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେବାରୁ ବନ୍ଧୁକ ଦେଖାଇ କଟର ମେଶିନ ଓ ମୋବାଇଲ ନେଇ ଯାଇଥିଲେ। ହିରଣ୍ୟଙ୍କ ଅଭିଯୋଗ ପରେ ପୋଲିସ ୩୯୪, ୨୫ ଆର୍ମସ ଆକ୍ଟରେ ମାମଲା (ନଂ.୨୨/୨୦) ରୁଜୁ କରି ତଦନ୍ତ କରୁଥିଲା।

# ୧୯ରେ ରାସ୍ତାରୋକୋ କରିବେ ହିତାଧିକାରୀ

**ନୟାଗଡ଼ ଅଫିସ/ ଦଶପଲ୍ଲା (ଡି.ଏନ୍.ଏ.), ୧୭।୨**

- ଦଶପଲ୍ଲାରେ ଆବାସ ଯୋଜନା ଘୋଟାଲା
- ସାଇଟ୍ କାର୍ଯ୍ୟକ୍ଷମ ନ କରିବାର ପ୍ରତିବାଦ
- ପ୍ରଭାବିତ ହେବେ ମାଟ୍ରିକ ପରୀକ୍ଷାର୍ଥୀ

ଦଶପଲ୍ଲା ଏନ୍‌ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍‌ଲାଇନ୍ ସାଇଟ୍ କାର୍ଯ୍ୟକ୍ଷମ ନ କରିବା ପ୍ରତିବାଦରେ ହିତାଧିକାରୀମାନେ ଆସନ୍ତା ୧୯ ତାରିଖରେ ରାସ୍ତାରୋକୋ କରିବେ। ଏହାସହ ଦଶପଲ୍ଲା ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରିବେ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ୧୯ରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାରୁ ପରୀକ୍ଷାର୍ଥୀ ଏଥିରେ ନିଶ୍ଚିତ ପ୍ରଭାବିତ ହେବେ। ଏହି ସମସ୍ୟା ନେଇ ହିତାଧିକାରୀ ବାରମ୍ବାର ଜିଲା ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ ସୁଫଳ ପାଇଲେ ନାହିଁ। ତେଣୁ ସେମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ଏନ୍‌ଏସି ଚେୟାରମ୍ୟାନ ବବିତା ସାହୁ ଗଣମାଧ୍ୟମକୁ କହିଛନ୍ତି। ଏହା ଦ୍ୱାରା ମାଟ୍ରିକ ପରୀକ୍ଷାର୍ଥୀ ହଇରାଣ ହେଲେ ପ୍ରଶାସନ ସେଥିପାଇଁ ଦାୟୀ ରହିବ ବୋଲି ସେ ଲିଖିତ ଭାବେ ଜିଲାପାଳ, ବିଧାୟକ, ତହସିଲଦାରଙ୍କୁ ଅବଗତ କରାଇଥିବା କହିଛନ୍ତି। ସୂଚନାଯୋଗ୍ୟ ଦଶପଲ୍ଲା ଏନ୍‌ଏସିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘୋଟାଲା ନେଇ ଅଭିଯୋଗ ହୋଇଥିଲା। ଏହାପରେ ଜିଲାପାଳ ତଦନ୍ତ ଆଦେଶ ଦେଇ ଏହି ସାଇଟ୍ ବନ୍ଦ କରିଦେଇଥିଲେ। ଉପଜିଲାପାଳଙ୍କ ନେତୃତ୍ୱରେ ଏକ ୩୬ ଜଣିଆ ଟିମ୍ ୨୦୧୬-୧୭ରୁ ୨୦୧୯-୨୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ତଦନ୍ତ କରିଥିଲା। ତଦନ୍ତ ରିପୋର୍ଟ ଦାଖଲ ହୋଇସାରିଥିଲେ ମଧ୍ୟ ଏଯାବତ୍ ଆବାସ ଯୋଜନାର ଅନ୍‌ଲାଇନ୍ ସାଇଟ୍ ଖୋଲୁ ନାହିଁ। ଏଥିଯୋଗୁ ହିତାଧିକାରୀ ହଇରାଣ ହେଉଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ହିତାଧିକାରୀ ଦାବି କରିଛନ୍ତି।

# ଦଶପଲ୍ଲାରୁ ୫୧ ଖଣ୍ଡ ରଥକାଠ ପୁରୀ ପଠାଗଲା

**ନୟାଗଡ ଅଫିସ/ଦଶପଲ୍ଲା (ଡି.ଏନ.ଏ.), ୧୭।୨:** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ୨ୟ ପର୍ଯ୍ୟାୟରେ ୫୧ଖଣ୍ଡ ରଥକାଠ ସୋମବାର ଦଶପଲ୍ଲା ବନାଞ୍ଚଳରୁ ଦୁଇଟି ଟ୍ରକରେ ପୁରୀ ପଠାଯାଇଛି। ଚଢ଼େୟାପଲ୍ଲୀ ସଂରକ୍ଷିତ ଜଙ୍ଗଲରୁ ୩୦ ଖଣ୍ଡ ଓ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ ୨୧ ଖଣ୍ଡ କାଠ ସଂଗ୍ରହ କରାଯାଇଥିଲା। ଏଥିମଧ୍ୟରେ ୨୦ ଫୁଟର ଧଉରାକାଠ ୭ ଖଣ୍ଡ,



୨୦ ଫୁଟର ଅସନ ୮ଖଣ୍ଡ, ୧୨ ଫୁଟର ଧଉରା ୧୯ଖଣ୍ଡ, ୧୨ ଫୁଟର ଅସନ ୧୭ଖଣ୍ଡ ରହିଛି। ଡେପୁଟି ରେଞ୍ଜର ନିଖିଳେଶ ମଲ୍ଲିକଙ୍କ ନେତୃତ୍ୱରେ ଫରେଷ୍ଟର ମନୋଜ ପ୍ରଭାକର ସାହୁ, ରାକେଶ ସାହୁ, ସୁରେଶ ସାହୁ, ବନରକ୍ଷୀ ବିନୟ ରାଉତ, ନାରାୟଣ ମହାରଣା, ସଞ୍ଜୟ ବେହେରା ପ୍ରମୁଖ କାଠ କଟାରେ ସହଯୋଗ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୫୩ ଖଣ୍ଡ କାଠ ପୁରୀ ପଠାଯାଇଥିଲା। ରଥ ତିଆରି ପାଇଁ ୩୧୭ ଖଣ୍ଡ କାଠ ପୁରୀ ପଠାଯିବାକୁ ସ୍ଥିର ହୋଇଛି। ଦୁଇ ପର୍ଯ୍ୟାୟରେ ୧୦୪ ଖଣ୍ଡ ଯାଇଥିବାବେଳେ ଆଉ ୨୧୩ ଖଣ୍ଡ ଯିବ ବୋଲି ଜଣାପଡିଛି।

## ୭ କେନ୍ଦ୍ରରେ ୧୧୭୫ ମାଟ୍ରିକ ପରୀକ୍ଷାର୍ଥୀ

**କୃଷ୍ଣପ୍ରସାଦ,୧୭।୨(ଡି.ଏନ.ଏ.)**

ଆସନ୍ତା ୧୯ ତାରିଖଠାରୁ ରାଜ୍ୟରେ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ଚଳିତବର୍ଷ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠ ନୋଡାଲ ସେଣ୍ଟର ଅଧୀନରେ ଥିବା ୭ ପରୀକ୍ଷା କେନ୍ଦ୍ରରେ ମୋଟ ୧୧୭୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠରେ ୧୯୦, ଡ. ମାୟାଧର ମାନସିଂହ ମେମୋରିଆଲ ହାଇସ୍କୁଲ ନନ୍ଦଳାରେ ୧୧୬, ମାଲୁଦ ହାଇସ୍କୁଲରେ ୧୯୬, ସାନସୀମା ହାଇସ୍କୁଲରେ ୨୧୦, କମଳେଶ୍ୱର ବିଦ୍ୟାପୀଠରେ ୧୮୦, ନାରାୟଣ ବିଦ୍ୟାପୀଠ ଚିଲିକା ନୂଆପଡାରେ ୧୨୦ ଏବଂ ଓଡିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ତ୍ରିଲୋଚନେଶ୍ୱର ବିଦ୍ୟାପୀଠରେ ୧୬୩ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଛନ୍ତି। ଗତ ୧୫ ତାରିଖରୁ ପୋଲିସର କଡା ସୁରକ୍ଷା ମଧ୍ୟରେ ପାରିକୁଦ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ରଖାଯାଇଛି।

## ମାଟ୍ରିକ ପରୀକ୍ଷା ପରିଚାଳନା ବୈଠକ

**ଖଣ୍ଡପଡା,୧୭।୨(ସ୍ୱ.ପ୍ର.)**

ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଉକ୍ତ କେନ୍ଦ୍ର ଅଧୀନରେ ୧୨ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୯୦୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି । ନୋଡାଲ କେନ୍ଦ୍ରରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଖଣ୍ଡପଡା ପୋଲିସ ପ୍ରଶାସନ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରତ୍ୟେକ ଶ୍ରେଣୀଗୃହ ଓ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସିସି କ୍ୟାମେରା ଲଗାଯାଇଛି । ଶାନ୍ତି ଶୃଙ୍ଖଳାର ସହ କିଭଳି ମାଟ୍ରିକ ପରୀକ୍ଷା ପରିଚାଳନା କରାଯିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ସୋମବାର ଅପରାହ୍ନରେ ନୟାଗଡ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ୧୦ ମାଟ୍ରିକ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟମାନେ ଉପସ୍ଥିତ ଥିଲେ। ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ ଚନ୍ଦନ କୁମାର ରଥ ପରୀକ୍ଷା ସୁପରିଚାଳନା ସମ୍ପର୍କରେ ଗୁରୁତ୍ୱ ଦେବା ସହ ଏଥିନିମନ୍ତେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ନିଷ୍ଠାପର ଭାବେ ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଲାଗୁ କରିଥିବା କଡାକଡି ଆଇନ ଓ ନିୟମକାନୁନ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ରଥ ସୂଚନା ପ୍ରଦାନ କରିଥିଲେ । ଖଣ୍ଡପଡା ନୋଡାଲ କେନ୍ଦ୍ରର ମୁଖ୍ୟ ତଥା ପ୍ରଧାନ ଶିକ୍ଷକ କିଶୋର ମୋହନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାର୍‌ହା ଆକ୍ରମଣରେ ୩ ଗୁରୁତର

**ବେଗୁନିଆ,୧୭।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ସୋମବାର ବାର୍‌ହା ଆକ୍ରମଣରେ ଜଣେ ଶିଶୁଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗୁଡୁମ ଗ୍ରାମର ବିଚିତ୍ରାନନ୍ଦ ମହାରଣା ଓ ତାଙ୍କ ୫ବର୍ଷର ଝିଅ ଗୁନି ଏବଂ ୱାର୍ଡ ସଭ୍ୟ ଗୌରାଙ୍ଗ ବେହେରା। ଏମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବିଚିତ୍ରାନନ୍ଦ ଓ ତାଙ୍କ ଝିଅ ଅପରାହ୍ନରେ ଗାଧୋଇବାକୁ ଯାଇଥିବା ବେଳେ ଏକ ବାର୍‌ହା ହଠାତ୍ ଉଭୟଙ୍କୁ ଆକ୍ରମଣ କରିଥିଲା। ୱାର୍ଡସଭ୍ୟ ଗୌରାଙ୍ଗ ବାର୍‌ହାକୁ ଘଉଡାଇବା ପାଇଁ ଉଦ୍ୟମ କରୁଥିବା ବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ।

# କିଷାନ କ୍ରେଡିଟ କାର୍ଡ ଆପଣେଇବାକୁ ପରାମର୍ଶ

**ନୟାଗଡ ଅଫିସ,୧୭।୨:** ନାବାର୍ଡ ଜିଲା ବିକାଶ ପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋମବାର ଏଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାବାର୍ଡ ଜିଲା ବିକାଶ ପ୍ରବନ୍ଧକ ଜୟନ୍ତ କୁମାର ସାହୁ, ଲିଡ୍ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ର ମୋହନ ମୁର୍ମୁ, ଭାରତୀୟ ଷ୍ଟେଟବ୍ୟାଙ୍କ କୃଷି ଉନ୍ନୟନ ଶାଖା ମୁଖ୍ୟ ପରିଚାଳକ ଅନୁପମା ବେହେରା ପ୍ରମୁଖ ଯୋଗଦେଇ କିଷାନ କ୍ରେଡିଟ୍ କାର୍ଡ ଉପରେ ଟିପ୍ପଣୀ ଦେଇଥିଲେ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ୩ଟି କିସ୍ତିରେ ୬ ହଜାର ଟଙ୍କା ଆସିବ। ହେଲେ ଏହି ଯୋଜନାର ସମସ୍ତ ହିତାଧିକାରୀଙ୍କ ପାଖରେ କିଷାନ କ୍ରେଡିଟ୍ କାର୍ଡ ନାହିଁ। ନିକଟସ୍ଥ ବ୍ୟାଙ୍କରେ ଯାଇ ଆବେଦନ କଲେ ଏହି କାର୍ଡ ମିଳିପାରିବ। ଏହି ରୋପ୍ୟ କାର୍ଡ କଲେ ହିତାଧିକାରୀଙ୍କ ନାଁରେ ୨ ଲକ୍ଷ ଟଙ୍କାର ବୀମା ପଲିସି ରହିବ। ଦୁର୍ଘଟଣାରେ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ମୃତ୍ୟୁ ହେଲେ ପରିବାର ଲୋକେ ବୀମା ରାଶି ପାଇ ପାରିବେ। ଏହା ଏଟିଏମ୍ ପରି କାମ କରିବ। ଏହି କାର୍ଡ ଦ୍ୱାରା ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨ ପ୍ରତିଶତ ସୁଧରେ ଋଣ ମିଳିବ ବୋଲି କୁହାଯାଇଛି।

# ଭାଷା, ସାହିତ୍ୟ ପ୍ରତି ମମତା ରହିବା ଦରକାର

**ନୟାଗଡ଼ ଅଫିସ,୧୭।୨**

ଉତ୍କଳ ସମ୍ମିଳନୀ ନୟାଗଡ଼ ଜିଲା ଶାଖା ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟରେ ସାହିତ୍ୟ ଆଧାରିତ କାର୍ଯ୍ୟକ୍ରମ ନୂଆ ସ୍ୱର ନିଆରା କଥା କାର୍ଯ୍ୟକ୍ରମ ଚାଲୁ ରହିଛି। ଏହି ଅବସରରେ ନୟାଗଡର ଇନ୍‌ସ୍ୱାୟାର




କର୍ମଶାଳାରେ ଯୋଗ ଦେଇଥିବା ଅତିଥି।

ଆବାସିକ ମହାବିଦ୍ୟାଳୟରେ ସୋମବାର ନିଆରା କଥାର ସାହିତ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟାପକ, ସାହିତ୍ୟିକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଆଲୋଚନା କରିଥିଲେ। ଉତ୍କଳ ସମ୍ମିଳନୀର ଜିଲା ସଭାପତି ବସିରନ ବିବିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ

**ନୂଆ ସ୍ୱର ନିଆରା କଥାର ସାହିତ୍ୟ କର୍ମଶାଳା**

ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଓ ସାହିତ୍ୟିକ କୈଳାସ ବାଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ଦୁଃଖିଶ୍ୟାମ ଦାସ ଓ ଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କ ବିୟୋଗରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟ ପ୍ରତି ମୋ ଦୃଷ୍ଟିଭଙ୍ଗୀ ପ୍ରସଙ୍ଗରେ ଅଧ୍ୟାପକ, ଛାତ୍ରୀଛାତ୍ରଙ୍କ ସମେତ ସାହିତ୍ୟିକ ଗଦାଧର ନନ୍ଦ, ନାରାୟଣ ଶୁକ୍ଳ, ଗୋପୀନାଥ ସେଠୀ, ନିତ୍ୟାନନ୍ଦ ସ୍ୱାଇଁ, ସବିତା ଶୁକ୍ଳ ପ୍ରମୁଖ ମତାମତ ରଖିଥିଲେ। ଭାଷା ଓ ସାହିତ୍ୟ ପ୍ରତି ମମତା ରହିବା ଦରକାର ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଞ୍ଜୟ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ବିପଦ ସୃଷ୍ଟି କରୁଛି ପୋଲିସର ନିଷ୍କ୍ରିୟତା

**ନୂଆଗାଁ,୧୭।୨ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟ ବଢୁଥିବା ବେଳେ ନୂଆଗାଁ ପୋଲିସର ନିଷ୍କ୍ରିୟତା ଅଞ୍ଚଳବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏପରି କି ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ କାଣ୍ଡ ଭିଆଇ ଗିରଫ ନ ହୋଇ ଖୁଲମଖୁଲା ବୁଲି ପରବର୍ତ୍ତୀ ମୁହୂର୍ତ୍ତରେ ଉଚ୍ଚ ନ୍ୟାୟାଳୟରୁ ଜାମିନରେ ଆସୁଥିବା ପୋଲିସର ପାରିଲା ପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସୋରଡା, କୋରଡା, ସିକ୍ରିଡା, ଉଦୟପୁର, ନୂଆଗାଁ, ଜାକେଡା, ମାଇଛେଳି, ପାରାଡିପି, ମହିପୁର, ଗାଡେରୀ ଆଦି ୧୧ ଗୋଟି ପଞ୍ଚାୟତ ନୂଆଗାଁ ଥାନା ଅଧୀନରେ ରହିଛି । ନୂଆଗାଁ ଥାନା କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ମହିପୁରଠାରେ ଫାଣ୍ଡି ରହିଛି । ଏହାସତ୍ତ୍ୱେ ନୂଆଗାଁ ଥାନା ଅଞ୍ଚଳବାସୀ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଦିନକୁ ଦିନ ବହୁ ମାତ୍ରାରେ ଅସାମାଜିକ ଘଟଣାମାନ ଘଟୁଥିଲେ ମଧ୍ୟ ପୋଲିସ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି । ଏହି ଅଞ୍ଚଳରେ ଚୋରି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଚୋର ଧରିବାରେ ପୋଲିସ ବିଫଳ ହୋଇଛି ।




ସବୁ ସ୍ଥାନର ଚୋରି ଗୋଟିଏ ପ୍ରକାରର ହେଉଥିବା ଓ ଗୋଟିଏ ଗୋଷ୍ଠୀର କାର୍ଯ୍ୟ ବୋଲି ପ୍ରମାଣିତ କରୁଥିବା ବେଳେ ଚୋର ଧରିବାରେ ପୋଲିସ ବିଫଳ ହୋଇଛି। ଫଳରେ ଲୋକମାନେ ରାତିରେ ଶାନ୍ତିରେ ଶୋଇପାରୁ ନାହାନ୍ତି । ଗତ ଜାନୁୟାରୀ ମାସରେ ଲଗାତର ଭାବେ ଚୋରି ହୋଇଥିଲେ ମଧ୍ୟ ପୋଲିସ ଏଯାବତ କାହାରିକୁ ଗିରଫ କରିପାରି ନାହିଁ । ଚୋରକୁ ଗିରଫ ବିଷୟରେ ଅଭିଯୋଗକାରୀ ପଚାରିଲେ କିଏ ଚୋରି କରିଛି କହିଲେ ଆମେ ତାକୁ ଗିରଫ କରିବୁ ବୋଲି ପୋଲିସ କହୁଛି । କେବଳ ଚୋର ନୁହେଁ, ସବୁ ଅପରାଧୀଙ୍କୁ ପୋଲିସ ସହାୟ ହେଉଥିବା ଅଭିଯୋଗ ହେଉଛି। ଶିଖରଗୋଛା ଗ୍ରାମରେ ସୁକାନ୍ତୀ ପରିଡାଙ୍କ ମୃତ୍ୟୁ ବିଷୟରେ ସବୁ ଜାଣି ଅଭିଯୋଗ ହୋଇ ନ ଥିବା କହି ନୀରବ ରହିବା, ଲଗାତର ଭାବେ ଚୋରି ଘଟଣାକୁ ତଦନ୍ତ ନ କରି ଚୁପ୍ ବସିବା ଓ ଅନେକ ଅପରାଧୀ

- ବଢ଼ି ଚାଲିଛି ଚୋରି, ଅପରାଧ
- ମାମଲା ରୁଜୁ କରି ପୋଲିସ ସାରି ଦେଉଛି କାମ

ଅପରାଧ ଘଟାଇବା ପରେ ପରବର୍ତ୍ତୀ ମୁହୂର୍ତ୍ତରେ ଉଚ୍ଚନ୍ୟାୟାଳୟରୁ ଜାମିନ ଆଣିବା ପୋଲିସର କାର୍ଯ୍ୟ କଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଅଭିଯୋଗର ସୁଫଳ ନ ପାଇ ନିରାଶ ହେବା ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ମିଥ୍ୟା ମାମଲାରେ ଫସେଇ ଗିରଫ କରିବାକୁ ଧମକ ଦିଆଯାଉଥିବା ଅଭିଯୋଗ ହେଉଛି। ବାରମ୍ବାର ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇ ନ ଥିବା ଜନୈକ ବ୍ୟକ୍ତି ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ସୁରକ୍ଷା ପ୍ରତି ଅବହେଳା ଓ ପୋଲିସର ନିଷ୍କ୍ରିୟତା ପାଇଁ ନୂଆଗାଁ ଥାନା ସମ୍ମୁଖରେ ଅନଶନ କରିବେ ବୋଲି ଜଣାପଡିଛି । ପୋଲିସର ନିଷ୍କ୍ରିୟତା ବିଷୟରେ ଏସଡିପିଓ ନିରଞ୍ଜନ ପାଢୀଙ୍କୁ ପଚାରିବାରେ ପୋଲିସର କାର୍ଯ୍ୟ ହେଲା ଲୋକଙ୍କୁ ସୁରକ୍ଷା ଦେବା ଓ ଚୋର ଧରିବା । ତେଣୁ ନୂଆଗାଁ ଥାନା ଅଧିକାରୀ କାହିଁକି ତାହା କରୁ ନାହାନ୍ତି ସେ ବିଷୟରେ ମୁଁ ବୁଝିବି ବୋଲି ସେ କହିଛନ୍ତି।